ବର୍ଷ-୨୫, ସଂଖ୍ୟା-୦୫
ଭୁବନେଶ୍ୱର
୦୫, ଜାନୁଆରୀ, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 05
Bhubaneswar
05, January, 2025 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat






# ଜୀବନଚର୍ଯ୍ୟା





## ସାଗୁ ଦାନା ବର୍ଫି

ଆବଶ୍ୟକ ଉପକରଣ: ସାଗୁ ଦାନା, କ୍ଷୀର, ଚିନି, ଗୁଜରାତି ଗୁଣ୍ଡ, ଘିଅ, ଡ୍ରାଏ ଫ୍ରୁଟସ୍।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗ୍ୟାସ୍‌ରେ ଏକ ପ୍ୟାନ୍ ବସାନ୍ତୁ। ଏହା ସାମାନ୍ୟ



ଗରମ ହେବା ପରେ ସେଥିରେ ସାଗୁ ଦାନା ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ହାଲକା ଫ୍ରାଏ କରନ୍ତୁ। ଏହା କ୍ରିପସି ହୋଇଯିବା ପରେ ଗ୍ୟାସ୍‌କୁ ବନ୍ଦ କରି ଦିଅନ୍ତୁ। ଏହାପରେ ଏହାକୁ ଏକ ପାତ୍ରରେ ବାହାର କରି ଥଣ୍ଡା ହେବାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଏହାକୁ ଗ୍ରାଇଣ୍ଡି କରି ଭଲ ପାଉଡର ପ୍ରସ୍ତୁତ କରି ଦିଅନ୍ତୁ। ଏହାପରେ ଏକ ପ୍ୟାନ୍‌ରେ କ୍ଷୀର ଗରମ କରନ୍ତୁ। ଏହାକୁ ଫୁଟିବାକୁ ଛାଡ଼ି ଦିଅନ୍ତୁ। କ୍ଷୀର ଆସ୍ତେ ଆସ୍ତେ ଗାଢା ହୋଇଯିବା ପରେ ସେଥିରେ ଚିନିକୁ ମିଶାନ୍ତୁ। ଏହା ଭଲ ଭାବେ ମିଶିଯିବା ପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏହାପରେ ଆଉ ଏକ ପ୍ୟାନ୍‌ରେ ଘିଅ ନେଇ ସେଥିରେ ସାଗୁ ଦାନା ପାଉଡରକୁ ପକାଇ ସିମ୍‌ରେ ଭଲ ଭାବେ ଭାଜନ୍ତୁ। ଏହା ହାଲକା ବାଦାମୀ ରଙ୍ଗର ହୋଇଯିବା ପରେ ସେଥିରେ କ୍ଷୀର, ଚିନିର ମିଶ୍ରଣକୁ ପକାଇ ଭଲ ଭାବେ ଘାଣ୍ଟନ୍ତୁ। ଏହା ଉପରେ ଗୁଜରାତି ଗୁଣ୍ଡ ପକାନ୍ତୁ। ଏହାପରେ ଏହାକୁ ଏକ ପ୍ଲେଟରେ ବାହାର କରି ଥଣ୍ଡା ହେବାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଏହା ଉପରେ ଡ୍ରାଏ ଫ୍ରୁଟସ୍ ପକାଇ ସଜାଇ ଦିଅନ୍ତୁ। ଏହାପରେ ନିଜ ଇଚ୍ଛା ମୁତାବକ ପିସ୍‌ରେ କାଟି ସର୍ଭ କରନ୍ତୁ।

ଖବର

## ମୁମ୍ବାଇ ପରେ ଜୟପୁରରେ ସୁଟିଂ ହେଉଛି 'ଭୁତ ବଙ୍ଗଳା'




ଅଭିନେତା ଅକ୍ଷୟ କୁମାର ଏବଂ ପ୍ରିୟଦର୍ଶନ ଯୋଡିକୁ ନେଇ ଏକ ଫିଲ୍ମ ଚାହୁଁଥିଲେ। କିନ୍ତୁ ଦୀର୍ଘ ବର୍ଷ ଧରି ସେଭଳି କୌଣସି ପ୍ରୋଜେକ୍ଟ ଆସିନଥିଲା ତେବେ କିଛିଦିନ ତଳେ ଅକ୍ଷୟ କୁମାର ହଠାତ୍ ଘୋଷଣା କରିଥିଲେ ଯେ ସେ ଏବଂ ପ୍ରିୟଦର୍ଶନ 'ଭୁତ ବଙ୍ଗଳା' ନାମକ ଏକ ଫିଲ୍ମ ଏକାଠି କରୁଛନ୍ତି।ଏହା ପୂର୍ବରୁ ଏହି ବର୍ଷ ରିଲିଜ ହେବ ବୋଲି ଖବର ମିଳିଥିଲା କିନ୍ତୁ ପରେ ଅକ୍ଷୟ କୁମାର ଫିଲ୍ମର ନୂଆ ତାରିଖ ଘୋଷଣା କରିଥିଲେ। ଏବେ ଖବର ଆସୁଛି ଯେ ହୋଇଛି। ଅକ୍ଷୟ କୁମାରଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ଭୁତ ବଙ୍ଗଳାର ସୁଟିଂ ଆରମ୍ଭ ହୋଇଛି ଏବଂ ଏବେ ଜୟପୁରରେ ଚାଲିଛି । ଗତ ମାସରେ ମୁମ୍ବାଇରେ ସୁଟିଂ ଆରମ୍ଭ କରିବା ପରେ ଦଳ ବର୍ତ୍ତମାନ ଜୟପୁରରେ ଏହି ସିନେମାର ସୁଟିଂ କରାଯାଉଛି ଅକ୍ଷୟ କୁମାର ଏବଂ ପ୍ରିୟଦର୍ଶନଙ୍କ ଯୋଡି ହେରା ଫେରି, ଭୁଲ ଭୁଲାଇୟା ଏବଂ ଗରମ ମସାଲା ଭଳି ଅନେକ ହିଟ୍ ଫିଲ୍ମ ଦେଇଛନ୍ତି। ବର୍ତ୍ତମାନ ଏହି ଯୋଡିଙ୍କୁ ଏକାଠି ଦେଖିବା ପାଇଁ ପ୍ରଶଂସକମାନେ ବହୁତ ଉତ୍ସାହିତ ଅଛନ୍ତି ଭୁତ ବଙ୍ଗଳା ହେଉଛି ଏମିତି ଏକ ଫିଲ୍ମ ଯେଉଁଥିରେ ଭୟ ଏବଂ ମସ୍ତିର ଜବରଦସ୍ତ ରିମିକ୍ସ ଦେଖିବାକୁ ମିଳିବ ଭୁତ ବଙ୍ଗଳା ଏପ୍ରିଲ ୨, ୨୦୨୬ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଯାଉଛି।

ବଲିଉଡ ଖିଲାଡୀ ଅକ୍ଷୟ କୁମାରଙ୍କର ପ୍ରଶଂସକମାନେ ଦୀର୍ଘ ଦିନ ଧରି ଏକାଠି ବଲିଉଡ ବଙ୍ଗଳା ଫିଲ୍ମର ସୁଟିଂ ଆରମ୍ଭ ମୁମ୍ବାଇ ପରେ ଜୟପୁରରେ ଭୁତ

## ଅଦା ପାଣି କମାଏ କୋଲେଷ୍ଟ୍ରଲ

ଆୟୁର୍ବେଦରେ ଅଦାକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଡିବୁଟି ଭାବରେ ଗଣାଯାଇଛି। ଔଷଧୀୟ ଗୁଣର ଭଣ୍ଡାର ହେଉଛି ଅଦା ଯାହା ଭୋକ ବଢାଇବାରେ ମଧ୍ୟ ସାହାଯ୍ୟ କରିଥାଏ। ଥଣ୍ଡା ଏବଂ କାଶ ବ୍ୟତୀତ ଅଦା ଶ୍ୱାସ ଜନିତ ରୋଗ, ଗଣ୍ଠି ଯନ୍ତ୍ରଣା ଏବଂ ବାନ୍ତି ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ। ଯଦି ଆପଣ ଅଦା ଦ୍ୱାରା ନିଜ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାକୁ ଚାହାଁନ୍ତି, ତେବେ ଆପଣ ଅଦା ପାଣି ପିଇବା ଆରମ୍ଭ କରନ୍ତୁ । ସକାଳେ ଖାଲି ପେଟରେ ଅଦା ପାଣି ପିଇବା ଦ୍ୱାରା ଅନେକ ଲାଭ ମିଳିଥାଏ।



ଅଦା ପାଣିରୁ ମିଳୁଥିବା ଫାଇଦା :

■ ଅନେକ ଲୋକଙ୍କର ହଜମ ପ୍ରକ୍ରିୟାରେ ଗଡବଡ ହୋଇଥାଏ। ସେ କିଛି ବି ଖାଇଲେ ତାଙ୍କର ପେଟ ଜନିତ ସମସ୍ୟା ଦେଖାଯାଇଥାଏ। ଏହି ଲୋକମାନଙ୍କ ପାଇଁ ଅଦା ପାଣି ଅତ୍ୟନ୍ତ ଲାଭଦାୟକ ହୋଇଥାଏ ।

■ ଅଦା ପାଣିରେ ଲେମ୍ବୁ ରସ ଏବଂ ମହୁ ମିଶାଇ ପିଇବା ଦ୍ୱାରା ଗର୍ଭାବସ୍ଥା ସମୟରେ ବାନ୍ତି ହେବାର ସମସ୍ୟା ଦୂର ହୋଇଥାଏ।

■ ଅଦା ପାଣିରେ ଜିଙ୍କର ଏକ ଉତ୍ତମ ଭାଗ ରହିଥାଏ ଯାହା ଶରୀରରେ ଇନସୁଲିନ୍ କ୍ଷରଣ ବଢାଇଥାଏ ଏବଂ ରକ୍ତରେ ସୁଗାର ଲେବଲକୁ କମ୍ କରିବାରେ ସାହାଯ୍ୟ କରିଥାଏ। ତେଣୁ ମଧୁମେହ ରୋଗୀଙ୍କ ପାଇଁ ଅଦା ପାଣି ମଧ୍ୟ ଲାଭଦାୟକ ହୋଇଥାଏ।

■ଏହା ହୃଦରୋଗର ଚିକିତ୍ସାରେ ମଧ୍ୟ ବ୍ୟବହୃତ ହୁଏ। କୋଲେଷ୍ଟ୍ରଲକୁ କମ୍ କରିବାରେ ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ମଧ୍ୟ ଅଦା ପାଣି ସହାୟକ ହୋଇଥାଏ। ଅନେକ ସମୟରେ ଲୋକମାନେ ମାଂସପେଶୀର ଯନ୍ତ୍ରଣା ମଧ୍ୟ ଭୋଗିଥାନ୍ତି, ଯେଉଁଥିପାଇଁ ସେମାନେ ପେନ୍ କିଲର୍ ଖାଇଥାନ୍ତି। କିନ୍ତୁ ଏହିପରି ଔଷଧ ସ୍ୱାସ୍ଥ୍ୟ ଉପରେ କ୍ଷତି ପହଞ୍ଚାଇପାରେ। ତେଣୁ ଏଥିଲାଗି ଅଦା ପାଣି ପିଅନ୍ତୁ।

## ଧର୍ମରାଜ ଯୁଧିଷ୍ଠିରଙ୍କ ନିଷ୍ପତ୍ତି

ଏକଦା ପାଣ୍ଡବ ଜଙ୍ଗଲ ମଧ୍ୟରେ ଜ୍ୟେଷ୍ଠ ଭ୍ରାତା ଯୁଧିଷ୍ଠିର ଟିକେ ପଛରେ ରହି ଯାଇଥିଲେ। ଆଗକୁ ଆସି ଦେଖନ୍ତି ତ ଏକ ସରୋବର ନିକଟରେ ତାଙ୍କର ୪ ଜଣ କନିଷ୍ଠ ଭ୍ରାତା ଭୀମ, ଅର୍ଜୁନ, ନକୁଳ ଓ ସହଦେବ ମୃତ ଅବସ୍ଥାରେ ପଡ଼ି ରହିଛନ୍ତି। ସରୋବରଟି ଥିଲା ଯକ୍ଷଙ୍କର। ଯେତେବେଳେ ଯୁଧିଷ୍ଠିରଙ୍କ ୪ ସାନ ଭାଇ ଆସି ସେଠାରୁ ପାଣି ପିଇବାକୁ କହିଥିଲେ ଯକ୍ଷ ତାଙ୍କୁ ବାରଣ କରିଥିଲେ। ଯିଏ ଯକ୍ଷଙ୍କ ପ୍ରଶ୍ନର ଉତ୍ତର ଦେଇପାରିବ ସିଏ ହିଁ ପାଣି ପିଇପାରିବ ବୋଲି ଯକ୍ଷ ସର୍ତ୍ତ ରଖିଥିଲେ।



ମାତ୍ର ତାଙ୍କ କଥା କେହି ନ ମାନି ଜୋରଜବରଦସ୍ତ ପାଣି ପିଇବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଏକଥା ଯୁଧିଷ୍ଠିର ଜାଣିବା ପରେ ଯକ୍ଷଙ୍କୁ ତାଙ୍କ ଭାଇମାନଙ୍କ ଜୀବନ ଭିକ୍ଷା ମାଗିଥିଲେ। ଯକ୍ଷ ପ୍ରତିବଦଳରେ କେତୋଟି ପ୍ରଶ୍ନର ଉତ୍ତର ଦେବାକୁ କହିଥିଲେ। ଯକ୍ଷଙ୍କର ଗୋଟାଏ ପରେ ଗୋଟାଏ ପ୍ରଶ୍ନର ନିର୍ଭୁଲ ଉତ୍ତର ଦେଇଥିଲେ ଯୁଧିଷ୍ଠିର। ଖୁସି ହୋଇ ଯକ୍ଷ କହିଲେ କି ମୁଁ ତୁମର ସମସ୍ତ ଭାଇଙ୍କ ଜୀବନ ତ ବଞ୍ଚାଇ ପାରିବି ନାହିଁ, ମାତ୍ର ତୁମେ ତୁମର ଯେକୌଣସି ଜଣେ ଭାଇଙ୍କୁ ଜୀବିତ ଦେଖିପାରିବ। ତୁମେ ଯାହାଙ୍କ ନାମ ନେବ ମୁଁ ତାଙ୍କୁ ବଞ୍ଚାଇ ଦେବି ବୋଲି ଯକ୍ଷ କହିଥିଲେ। ଯକ୍ଷ ପ୍ରଶ୍ନ କଲେ, "କୁହ ଯୁଧିଷ୍ଠିର, କିଏ ଏମାନଙ୍କ ମଧ୍ୟରୁ ତୁମର ପ୍ରିୟ ଭାଇ? ତୁମେ କାହା ଜୀବନ ଚାହଁ।' ଯୁଧିଷ୍ଠିର ଅତି ବିନମ୍ରତାର ସହ ଉତ୍ତର ଦେଲେ, "ମୋର ସମସ୍ତ ଭାଇ ପ୍ରିୟ ଅଟନ୍ତି। ମୁଁ ଜଣକ ନାମ ନେଇ ଅନ୍ୟ ୩ ଜଣଙ୍କୁ ଅସମ୍ମାନ କରିପାରିବି ନାହିଁ। ମାତ୍ର ଯଦି ଜୀବନର କଥା ହୁଏ ତେବେ ମୁଁ ନକୁଳଙ୍କ ଜୀବନ ଚାହେଁ।' ଯକ୍ଷ ଆଶ୍ଚର୍ଯ୍ୟ ହୋଇ କାହିଁକି ବୋଲି ପ୍ରଶ୍ନ କରିବାରୁ ଯୁଧିଷ୍ଠିର କହିଥିଲେ, "ମାଆ କୁନ୍ତୀଙ୍କର ଆମେ ୩ ପୁତ୍ର ଯୁଧିଷ୍ଠିର, ଭୀମ ଓ ଅର୍ଜୁନ। ମାତ୍ର ମାଆ ମାଦ୍ରିଙ୍କର ୨ ପୁତ୍ର ନକୁଳ ଓ ସହଦେବ। ମୁଁ ଜୀବିତ ଅଛି ଯେହେତୁ ମାଆ କୁନ୍ତୀଙ୍କ କୋଳ ଖାଲି ହେବ ନାହିଁ। ମୁଁ ଭୀମ କିମ୍ବା ଅର୍ଜୁନଙ୍କୁ ବଞ୍ଚାଇବାକୁ ଚାହିଁଲେ ମାଆ ମାଦ୍ରିଙ୍କ ପ୍ରତି ଅନ୍ୟାୟ ହେବ। ତାଙ୍କ କୋଳ ଖାଲି ନହେବା ପାଇଁ ତାଙ୍କର ଜ୍ୟେଷ୍ଠ ପୁତ୍ର ନକୁଳର ଜୀବନ ଦାନ ଦିଅନ୍ତୁ।' ଯୁଧିଷ୍ଠିରଙ୍କ କଥାରେ ଖୁସି ହୋଇ ଯକ୍ଷ ସମସ୍ତଙ୍କ ଜୀବନ ଫେରାଇ ଦେଇଥିଲେ।

## କରଜରୁ ମୁକ୍ତି ପାଇବା ପାଇଁ ପ୍ରଭୁ ହନୁମାନଙ୍କ ନିକଟରେ ଲଡୁ ଭୋଗ କରନ୍ତୁ



ପ୍ରଭୁ ହନୁମାନ, ଗଣେଶଙ୍କ ନିକଟରେ ବୁନ୍ଦି ଲଡୁକୁ ବିଶେଷ ଭାବେ ଭୋଗ କରାଯାଇଥାଏ। ଏହା ଦ୍ୱାରା ଭଗବାନ ପ୍ରସନ୍ନ ହୋଇଥାଆନ୍ତି ବୋଲି ମାନ୍ୟତା ରହିଛି। ବୁନ୍ଦି ଲଡୁ ପୂଜାପାଠରେ ଭୋଗ କରିବା ପାଇଁ ବ୍ୟବହାର କରିବା ସହ ଏହା ଖାଇବାକୁ ମଧ୍ୟ ବହୁ ସ୍ୱାଦିଷ୍ଟ ଲାଗିଥାଏ। ମାତ୍ର ଏହି ବୁନ୍ଦି ଲଡୁର କେତେକ ବ୍ୟବହାର ଦ୍ୱାରା ଆମ ଜୀବନର ବହୁ ସମସ୍ୟା ଦୂର ହୋଇଥାଏ। ଜାଣନ୍ତୁ କିପରି କରିବେ ଏହି ବୁନ୍ଦି ଲଡୁର ବ୍ୟବହାର.

ନିଜ ମନ ପସନ୍ଦର ଜୀବନସାଥୀ ପାଇବା ପାଇଁ ପ୍ରତି ମଙ୍ଗଳବାର ଓ ଶୁକ୍ରବାର ବୁନ୍ଦିର ଲଡୁକୁ ହନୁମାନଙ୍କ ପାଖରେ ଭୋଗ କରି ଏହାକୁ ବାଣ୍ଟି ଦିଅନ୍ତୁ। ଏପରି କରିବା ଦ୍ୱାରା ମନୋସ୍କାମନା ପୂରଣ ହୋଇଥାଏ।

ବହୁ ଦିନ ଧରି କାର୍ଯ୍ୟ ଲାଗି ରହିଥିଲେ ମଧ୍ୟ ସଫଳତା ମିଳୁନଥିଲେ, ପ୍ରଭୁ ହନୁମାନଙ୍କ ମନ୍ଦିରରେ ବୁନ୍ଦି ଲଡୁରେ ତୁଳସୀପତ୍ର ପକାଇ ଭୋଗ କରନ୍ତୁ। ଏହା ପରେ ଏହି ଭୋଗକୁ ବାଣ୍ଟି ଦିଅନ୍ତୁ।

କରଜରୁ ମୁକ୍ତି ପାଇବା ପାଇଁ ମଧ୍ୟ ମଙ୍ଗଳବାର ଦିନ ପ୍ରଭୁ ହନୁମାନଙ୍କ ନିକଟରେ ବୁନ୍ଦି ଲଡୁ ଭୋଗ କରନ୍ତୁ।

ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ଜାତକରେ ମଙ୍ଗଳ ଗ୍ରହ ଦୁର୍ବଳ ଥିଲେ ବ୍ୟକ୍ତିର ଆତ୍ମବିଶ୍ୱାସ ମଧ୍ୟ ଦୁର୍ବଳ ହୋଇଯାଏ। ଏହାକୁ ସୁଦୃଢ କରିବା ପାଇଁ ପ୍ରତି ମଙ୍ଗଳବାର ବୁନ୍ଦିର ଲଡୁ ଦାନ କରନ୍ତୁ। ଏହି ସମସ୍ୟାର ସମାଧାନ ହୋଇଥାଏ। ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଇଥାଏ।

ଯେକୌଣସି ପରୀକ୍ଷା ଦେବାକୁ ଯିବାକୁ ପୂର୍ବରୁ ହନୁମାନଙ୍କ ମନ୍ଦିରକୁ ଯାଇ ଲଡୁ ଭୋଗ କରି ଏହାକୁ ନିଜେ ଖାଆନ୍ତୁ। ପରୀକ୍ଷାରେ ଶୁଭଫଳ ମିଳିବ।



## ସକାଳେ ନିୟମିତ ପିଅନ୍ତୁ ଜୁଆଣି ପାଣି

ଜୁଆଣି ଖାଇବା ପେଟ ପାଇଁ ବହୁତ ଭଲ। ଜୁଆଣି ପାଣି ପିଇବା ଦ୍ୱାରା ଗ୍ୟାସ୍, ବଦହଜମି, ପେଟ ଯନ୍ତ୍ରଣା ଏବଂ କୋଷ୍ଠକାଠିନ୍ୟ ଦୂର ହୋଇଥାଏ। ଜୁଆଣି ଆୟୁର୍ବେଦିକ ଗୁଣରେ ପରିପୂର୍ଣ୍ଣ। ଜୁଆଣି ପାଣି ସେବନ ଦ୍ୱାରା ଓଜନ ମଧ୍ୟ ନିୟନ୍ତ୍ରଣରେ ରହିପାରେ। ଜୁଆଣିରେ ପ୍ରୋଟିନ୍, ଫ୍ୟାଟ୍, ମିନେରାଲ୍ସ, ଫାଇବର ଏବଂ



କାର୍ବୋହାଇଡ୍ରେଟ୍ ରହିଛି। ଏହା ବ୍ୟତୀତ କ୍ୟାଲସିୟମ୍, ଥିଏମାଇନ୍, ରାଇବୋଫ୍ଲାଭିନ୍, ଫସଫରସ୍, ଆଇରନ୍ ଏବଂ ନିୟାସିନ୍ ମଧ୍ୟ ରହିଛି। ଜୁଆଣି ଖାଇବା ଦ୍ୱାରା ଶରୀରକୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ମିଳିଥାଏ। ଜୁଆଣି ପାଣିର କଣ କଣ ଉପକାରିତା ଅଛି ଆସନ୍ତୁ ଜାଣିବା

କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖେ:

ଜୁଆଣିରେ ଆଣ୍ଟି-ହାଇପରଲିପିଡେମିକ୍ ଉପାଦାନ ରହିଛି। ଜୁଆଣି ପାଣି ପିଇବା ଦ୍ୱାରା ଶରୀରର କୋଲେଷ୍ଟ୍ରଲ, ଏଲଡିଏଲ- କୋଲେଷ୍ଟ୍ରଲ, ଟ୍ରାଇଗ୍ଲେସିରାଇଡ ଏବଂ ମୋଟ ଲିପିଡ କମିଯାଏ। ଏହା ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

ମୋଟାପଣ କମ କରିଥାଏ:

ଶରୀରର ଚର୍ବି ବୃଦ୍ଧି ହେତୁ ମେଦବହୁଳତା ସମସ୍ୟା ଦେଖାଦେଇଥାଏ। ମେଦବହୁଳତା ସମସ୍ୟାକୁ ହ୍ରାସ କରିବା ପାଇଁ ଜୁଆଣି ପାଣି ପିଇପାରିବେ। ସକାଳେ ଖାଲି ପେଟରେ ଜୁଆଣି ପାଣି ପିଇ ଓଜନ ସହଜରେ ନିୟନ୍ତ୍ରଣ କରିପାରିବେ।

ଗ୍ୟାସ ସମସ୍ୟାରୁ ମୁକ୍ତି:

ଖରାପ ଜୀବନଶୈଳୀ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ଯୋଗୁଁ ଲୋକଙ୍କ ପେଟରେ ଗ୍ୟାସ ସମସ୍ୟା ଦେଖାଯାଏ। ଯଦି ଆପଣ ମଧ୍ୟ ଗ୍ୟାସ୍ ସମସ୍ୟାରେ ଅସୁବିଧାରେ ପଡ଼ନ୍ତି, ତେବେ ଜୁଆଣି ପାଣି ସେବନ କରିପାରିବେ। ଏହା ଗ୍ୟାସ ଏବଂ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

ମାସିକ ଋତୁସ୍ରାବ ଯନ୍ତ୍ରଣାରୁ ଆରାମ ଦେଇଥାଏ:

ଜୁଆଣି ପାଣି ପିଇବା ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହୋଇଥାଏ। ଏହା ମାସିକ ଋତୁସ୍ରାବ ସମୟରେ ହେଉଥିବା ପେଟ ଯନ୍ତ୍ରଣାରୁ ଆରାମ ଦେଇଥାଏ।

ରକ୍ତ ସଞ୍ଚାଳନ ଉତ୍ତମ ରଖେ:

ମହିଳାମାନଙ୍କ ଗର୍ଭଧାରଣ ପରେ ଶରୀରରେ ସମାନ ରକ୍ତ ସଞ୍ଚାଳନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ। ଏପରି ପରିସ୍ଥିତିରେ, ଯଦି ଆପଣ ଜୁଆଣି ପାଣି ସେବନ କରନ୍ତି ତେବେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ।

# ସଡ଼କ ସୁରକ୍ଷାକୁ ଜନ ଅଭିଯାନରେ ପରିଣତ କର : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୪।୧ (ମହାଭାରତ):** ସୁରକ୍ଷିତ... ଘରକୁ ଫେରନ୍ତୁ। "କମ୍ ହୋମ ସେଫ୍"। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ସଡ଼କ ସୁରକ୍ଷା ମାସର ରାଜ୍ୟସ୍ତରୀୟ ଉତ୍ସବ ଉଦଘାଟନ କରି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏହି ସ୍ଲୋଗାନ ଦେଇଛନ୍ତି । ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଡ଼କ ସୁରକ୍ଷାକୁ ଏକ ଜନ ଅଭିଯାନରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ସଡ଼କ ସୁରକ୍ଷାର ନିୟମ ପାଳନ କରି ସୁରକ୍ଷିତ ଭାବରେ ଘରକୁ ଫେରିବାକୁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି। ସଚେତନତା କାର୍ଯ୍ୟକ୍ରମକୁ ପ୍ରଭାବୀ କରିବାକୁ ମାଷ୍ଟରକ୍ୟାଂଟିନ ଛକରୁ ଶ୍ରୀରାମ ମନ୍ଦିର ଯାଏଁ ପଦଯାତ୍ରା କରିଛନ୍ତି ମୁଖ୍ୟମନ୍ତ୍ରୀ ।କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ପକ୍ଷରୁ ଜାନୁଆରୀ ମାସ ବ୍ୟାପୀ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ରାଜ୍ୟସ୍ତରୀୟ ଉତ୍ସବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ସଡ଼କ ସୁରକ୍ଷା ରଥର ଶୁଭାରମ୍ଭ କରିଥିଲେ। ପ୍ରତି ଜିଲ୍ଲାରେ ଏଭଳି ସଚେତନତା ରଥ ମାସ ବ୍ୟାପୀ ପରିକ୍ରମା କରିବ । ସଡ଼କ ସୁରକ୍ଷା ସଂପର୍କିତ ବିଭିନ୍ନ ସଚେତନତାଧର୍ମୀ କ୍ଷୁଦ୍ର ଚଳଚ୍ଚିତ୍ର ଏଥିରେ ପ୍ରଦର୍ଶିତ ହେବ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଯାନ ଚାଳକ, ଏନସିସି କ୍ୟାଡେଟ୍ ଓ ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ଶପଥ ପାଠ କରାଇଥିଲେ। କିଭଳି ସମସ୍ତ ନିୟମ ମାନି ସୁରକ୍ଷିତ ଯାତ୍ରା କରିବା ଏବଂ ଅନ୍ୟ ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷା ପ୍ରତି ଦାୟିତ୍ୱବାନ ହେବା ସେ ସଂପର୍କରେ ସମସ୍ତେ ପ୍ରତିଜ୍ଞାବଦ୍ଧ ହେବା ପାଇଁ ସେ ପରାମର୍ଶ ଦେଇଥିଲେ। ସଚେତନତା କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବୀ




କରିବାକୁ ମୁଖ୍ୟମନ୍ତ୍ରୀ ସଭାସ୍ଥଳରୁ ଶ୍ରୀରାମ ମନ୍ଦିର ଯାଏଁ ଅନ୍ୟ ଅତିଥିମାନଙ୍କ ସହ ପଦଯାତ୍ରା କରିଥିଲେ । ଯାହା ଛାତ୍ରଛାତ୍ରୀ, ଯାନ ଚାଳକ ତଥା ସାଧାରଣ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଭରି ଦେଇଥିଲା।

ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ବିଗତ ୧୦ ବର୍ଷରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ୪୭ ହଜାରରୁ ଅଧିକ ଜୀବନ ଯାଇଛି। ଏହା ଅତ୍ୟନ୍ତ ଚିନ୍ତାଜନକ। ସଡ଼କ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା କମ୍ କରିବାକୁ ସମସ୍ତଙ୍କୁ ଉଦ୍ୟମ କରିବାକୁ ହେବ। ସମୟ ଆସିଯାଇଛି, ସଡ଼କ ସୁରକ୍ଷାକୁ ଜନ ଅଭିଯାନରେ ପରିଣତ କରିବାକୁ ହେବ ।"କମ୍ ହୋମ ସେଫ୍" ନାରା ସହ ସମସ୍ତଙ୍କୁ ସଡ଼କ ସୁରକ୍ଷା ନିୟମ ମାନି ସୁରକ୍ଷିତ ଭାବରେ ଘରକୁ ଫେରିବାକୁ ସେ ନିବେଦନ କରିଥିଲେ। ଏହି ସଚେତନତା ବାର୍ତ୍ତାକୁ ପ୍ରତି ସହର, ପ୍ରତି ଗାଁ ଓ ଘରେ ଘରେ ପହଂଚାଇବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏହି ଅଭିଯାନରେ ସମାଜର ସବୁ ବର୍ଗର ବ୍ୟକ୍ତି, ଅନୁଷ୍ଠାନ, ସଂଗଠନ ଯୋଡ଼ି ହେବାକୁ ସେ ଆହ୍ୱାନ ଦେଇଛନ୍ତି ।

ଏହି ଅବସରରେ ସଡକ ସୁରକ୍ଷା କ୍ଷେତ୍ରକୁ ଅଧିକ ସୁଦୃଢ କରିବା ପାଇଁ ୨୦୦୦ ନୂତନ ଟ୍ରାଫିକ୍ ପୋଲିସ୍ ପଦବୀ ସୃଷ୍ଟି କରାଯିବା ସହିତ ଚଳିତ ବର୍ଷ ୫୦୦ ଟ୍ରାଫିକ୍ ପୋଲିସ୍ ପଦବୀ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏଥି ସହିତ ଜନସାଧାରଣଙ୍କୁ ସୁଲଭ ଓ ସୁବିଧା ଜନକ ଯାତ୍ରା ପ୍ରଦାନ ଉଦ୍ଦେଶ୍ୟରେ 'ଓଡିଶା ଯାତ୍ରୀ ଆପ୍' ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଥିଲେ। ଏହି ଆପ୍ ମାଧ୍ୟମରେ ଜନସାଧାରଣ ଗୋଟିଏ କ୍ଲିକରେ ନିଜର ଗନ୍ତବ୍ୟ ସ୍ଥଳ ପାଇଁ ସହଜରେ ଅଟୋ ଓ ଟ୍ୟାକ୍ସି ପାଇପାରିବେ। ଏହି ବ୍ୟବସ୍ଥା ଉଭୟ ଚାଳକ ଓ ଯାତ୍ରୀଙ୍କ ପାଇଁ ଲାଭଦାୟକ।

ପଦଯାତ୍ରା ସମୟରେ ଗୁରୁଦ୍ୱାର ନିକଟରେ ଏକ ନିଃଶୁଳ୍କ ଅସ୍ଥାୟୀ ଚକ୍ଷୁ ପରୀକ୍ଷା କେନ୍ଦ୍ରର ଉଦଘାଟନ କରିଥିଲେ ମୁଖ୍ୟମନ୍ତ୍ରୀ। ଶ୍ରୀରାମ ମନ୍ଦିର ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ, ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ରକ୍ଷା କରୁଥିବା ଗୁଡ୍ ସମରିଟାନ୍ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସନାୟକ, ବାବୁ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ, ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର୍ ଖୁରାନିଆ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପରିବହନ ଆୟୁକ୍ତ ଅମିତାଭ ଠାକୁର, ଓଏସଆରଟିସି ସିଏମଡି ଦୀପ୍ତେଶ ପଟ୍ଟନାୟକ, କ୍ରୁଟ୍ ଏମଡି ଏନ୍. ତିରୁମାଲା ନାଏକ, ସିନେ ତାରକା ସବ୍ୟସାଚୀ ମିଶ୍ରଙ୍କ ସମେତ ଅନେକ ବିଶିଷ୍ଟ ଅତିଥି ଉପସ୍ଥିତ ଥିଲେ।

## ୭ ଜିଲ୍ଲାକୁ ନେଇ ଗଠନ ହେବ ଦକ୍ଷିଣ ଓଡିଶା ବିକାଶ ପରିଷଦ

**ଭୁବନେଶ୍ୱର,୪।୧ (ମହାଭାରତ):** ୭ ଜିଲ୍ଲାକୁ ନେଇ ଗଠନ ହେବ ଦକ୍ଷିଣ ଓଡିଶା ବିକାଶ ପରିଷଦ। ଦକ୍ଷିଣ ଓଡିଶା ବିକାଶ ପରିଷଦ ଟାସ୍କଫୋର୍ସର ପ୍ରଥମ ବୈଠକରେ ପ୍ରାଥମିକ ରୂପରେଖ ନେଇ ଆଲୋଚନା ହୋଇଛି। ବୈଠକରେ ଟ୍ୟାକ୍ସଫୋର୍ସ ବହୁତ ସଦସ୍ୟ ମାନେ ଉପସ୍ଥିତ ଥିଲେ। ପରିଷଦର ରୂପରେଖ ନେଇ ବିଧାୟକ ଓ ସାଂସଦ ମାନେ ସେମାନଙ୍କର ମତାମତ ଦେଇଛନ୍ତି। ଦକ୍ଷିଣ ଓଡ଼ିଶା ବିକାଶ ପରିଷଦରେ ୭ ଜିଲ୍ଲାକୁ ସାମିଲ କରିବା ପାଇଁ ନିଷ୍ପତ୍ତି ହୋଇଛି। ସେହି ସବୁ ଜିଲ୍ଲା ହେଉଛି କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା ଓ ନବରଙ୍ଗପୁର। ଏହି ୭ ଟି ଜିଲ୍ଲାର ସବୁ ବ୍ଲକ କୁ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦରେ ସାମିଲ କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ହୋଇଛି। ତେବେ ଷ୍ଟାଚୁଟାରୀ କମିଟି ଗଠନ ହେବାର ଆବଶ୍ୟକତା ଥିବା ବୈଠକରେ ଆଲୋଚନା ହୋଇଛି। ତାକୁ ଦୃଷ୍ଟିରେ ରଖି ଖୁବଶୀଘ୍ର ଷ୍ଟାଚୁଟାରୀ କମିଟି ଗଠନ ହେବ। ଯେଉଁମାନେ ଏହି ଟାସ୍କଫୋର୍ସର ରେ ସାମିଲ ହୋଇ ନାହାନ୍ତି ସେମାନଙ୍କୁ ପରବର୍ତ୍ତୀ ସମୟ ରେ ସାମିଲ କରାଯିବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଦକ୍ଷିଣ ଓଡ଼ିଶାର ବିକାଶ ରେ ଏହି ପରିଷଦ ସହାୟକ ହେବ ବୋଲି କହିଛନ୍ତି ଟାସ୍କଫୋର୍ସର ଅଧକ୍ଷ ତଥା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।




## ଭୁବନେଶ୍ୱର ରେଳ ଷ୍ଟେସନର ନବୀକରଣ କାର୍ଯ୍ୟର ସମୀକ୍ଷା କଲେ ଅପରାଜିତା

**ଭୁବନେଶ୍ୱର,୪।୧ (ମହାଭାରତ):** ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେସନର ନବୀକରଣ କାର୍ଯ୍ୟର ସମୀକ୍ଷା କଲେ ସାଂସଦ ଅପରାଜିତା ଷଡ଼ଙ୍ଗୀ । ମାଷ୍ଟରକ୍ୟାଂଟିନସ୍ଥିତ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେସନର ନବୀକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ । ରେଳ ବିଭାଗର ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଇଷ୍ଟକୋଷ୍ଟ ରେଲୱେର ଜିଏମଙ୍କ ସହ ଆଲୋଚନା କରିଛନ୍ତି ଅପରାଜିତା । ତାସହ ନିର୍ଦ୍ଧାରିତ ସମୟ ସୁଦ୍ଧା ନବୀକରଣ କାର୍ଯ୍ୟ ସମାପ୍ତ କରିବାକୁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ପୁରୁଣା ଷ୍ଟେସନରେ ଯାତ୍ରୀମାନଙ୍କର କୌଣସି ଅସୁବିଧା ନକରି ଚାଲିଥିବା ନିର୍ମାଣ କାର୍ଯ୍ୟକୁ ଖୁବ୍ ପ୍ରଶଂସା କରିଛନ୍ତି ସେ । ତାସହ ନିର୍ମାଣ କାର୍ଯ୍ୟରେ ଯଦି କିଛି ସୁବିଧା ଅସୁବିଧା ରହିଥାଏ, ତାର ସମାଧାନ ଲାଗି ମଧ୍ୟ ସମସ୍ତ ପ୍ରକାରର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଅପରାଜିତା । ଏହି ନବୀକରଣ କାର୍ଯ୍ୟରେ କେବଳ ରେଳ ବିଭାଗ ନୁହେଁ । ବିଡିଏ, ନଗର ଉନ୍ନୟନ ବିଭାଗ, ସାଧାରଣ ପ୍ରଶାସନ ବିଭାଗ ସମେତ ରାଜ୍ୟ ସରକାରଙ୍କର ଅନେକ ବିଭାଗ ପ୍ରତ୍ୟକ୍ଷ ଏବଂ ପରୋକ୍ଷଭାବରେ ସଂଶ୍ଲିଷ୍ଟ ରହି ସେମାଙ୍କର ଭୂମିକାକୁ ସଠିକ୍ ଭାବରେ ନିଭାଉଛନ୍ତି । ଯାହାର ଖୁବ୍ ପ୍ରଶଂସା କରିଛନ୍ତି ଭୁବନେଶ୍ୱର ସାଂସଦ । ଭୁବନେଶ୍ୱର ରେଳ ଷ୍ଟେସନର ଉନ୍ନତିକରଣ ଲାଗି ସାଧାରଣ ପ୍ରଶାସନ ବିଭାଗ ରେଳ ବିଭାଗକୁ ୧୨ ଏକରରୁ ଅଧିକ ଜମି ପ୍ରଦାନ କରିଛି । ତେବେ ଆଉ ଆବଶ୍ୟକ ଥିବା ୧ ଏକର ୨୩ ଡିସିମିଲ ଜମି ପାଇଁ ବିଡିଏକୁ ନିବେଦନ କରିଛି ଇଷ୍ଟକୋଷ୍ଟ ରେଲୱେ । ତାହା ମଧ୍ୟ ମିଳିଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଅପରାଜିତା । ଏହାବାଦ୍ ରେଳ ଷ୍ଟେସନକୁ ସଂଯୋଗକରିବା ଲାଗି ଅନ୍ୟ ଦୁଇଟି ରାସ୍ତା ଲାଗି କିଛି ଅନୁମତି ବାକି ରହିଛି । ତେବେ ବିଡିଏ ଏବଂ ଅନ୍ୟ ବିଭାଗ ସହ ଆଲୋଚନା କରି ଏହାର ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି ଅପରାଜିତା । ୨୦୨୩ ମସିହା ମାର୍ଚ୍ଚ ମାସରୁ ଆରମ୍ଭ ହୋଇଛି ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେସନର ନବୀକରଣ କାର୍ଯ୍ୟ । ଯେଉଁଥିଲାଗି ୪୧୮ କୋଟି ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଛି । ବର୍ତ୍ତମାନ ସୁଦ୍ଧା ୨୦୦ କୋଟିରୁ ଅଧିକ ଟଙ୍କାର ଖର୍ଚ୍ଚ ସରିଲାଣି । ଆସନ୍ତା ଅଗଷ୍ଟ ମାସ ସୁଦ୍ଧା ନୂଆ ଷ୍ଟେସନ ଲୋକାର୍ପିତ ଦେବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଷ୍ଟେସନ କାର୍ଯ୍ୟକ୍ଷମ ହେଲେ ଏଠାରେ ଯାତ୍ରୀ ସଂଖ୍ୟା ବଢ଼ିବ ବୋଲି କହିଛନ୍ତି ଅପରାଜିତା । ଭୁବନେଶ୍ୱର ରେଳ ଷ୍ଟେସନ ବର୍ତ୍ତମାନ ଦୈନିକ ୭୦ରୁ ୮୦ ହଜାର ଲୋକଙ୍କୁ ସେବା ଯୋଗାଉଛି । ଆଗକୁ ଏହାର କ୍ଷମତା ୧ ଲକ୍ଷ ୪୪ ହଜାରକୁ ବୃଦ୍ଧି ପାଇବ । ବିଭିନ୍ନ ପ୍ରକାରର ଫୁଡ୍ କୋର୍ଟ, ସପିଂ ମଲ୍, ଦୋକାନ ବଜାର ସ୍ଥାପନ ଦ୍ୱାରା ଯାତ୍ରୀମାନେ ଏଠାରେ ଅତ୍ୟାଧୁନିକ ସେବାମାନ ପାଇପାରିବେ । ତାସହ ରେଳ ଷ୍ଟେସନର କାନ୍ଥସବୁ ଓଡ଼ିଶାର ଉନ୍ନତ କଳା ସଂସ୍କୃତିକୁ ବଖାଣିବ । ଆଗକୁ ମଧ୍ୟ ମଝିରେ ମଝିରେ ଏମିତି ସମୀକ୍ଷା କାର୍ଯ୍ୟ ଜାରି ରହିବ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ।



## ପଞ୍ଚଦଶ ରାଜକିଶୋର ନାୟକ ସ୍ମୃତି ଗାନ୍ଧୀ ବକ୍ତୃତା

**ଭୁବନେଶ୍ୱର,୪।୧ (ମହାଭାରତ):** ଅହିଂସା ଓ ଶାନ୍ତି ସମଗ୍ର ମାନବ ଜାତି ପାଇଁ ଗାନ୍ଧିଜୀଙ୍କ ଶ୍ରେଷ୍ଠ ଆବିଷ୍କାର। ବିଶ୍ୱବ୍ୟାପୀ ଏହାର ସଫଳ ଉପଯୋଗ କରାଯାଇଛି ବୋଲି କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ବିଶିଷ୍ଟ ସାହିତ୍ୟିକ ତଥା ଭାରତୀୟ ଜ୍ଞାନପୀଠ ଦ୍ୱାରା ପ୍ରଦତ୍ତ ମୂର୍ତ୍ତିଦେବୀ ପୁରସ୍କାରରେ ସମ୍ମାନିତ ଡକ୍ଟର ଏମ୍ ବୀରପ୍ପା ମୋଇଲି ପ୍ରକାଶ କରିଛନ୍ତି। ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କ ସ୍ମୃତିରେ ଆଜି ଏଠାରେ ଆୟୋଜିତ ' ପଂଚଦଶ ରାଜକିଶୋର ନାୟକ ସ୍ମୃତି ଗାନ୍ଧୀ ବକ୍ତୃତା -୨୦୨୫' ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡକ୍ଟର ବୀରପ୍ପା ମୋଇଲି ' ବୈଶ୍ୱିକ ପରମ୍ପରାରେ ଗାନ୍ଧୀ ବିଚାର ' ଶୀର୍ଷକରେ ବକ୍ତୃତା ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ଅହିଂସା ଓ ଶାନ୍ତି ସମଗ୍ର ମାନବ ଜାତି ପାଇଁ ଗାନ୍ଧିଜୀଙ୍କ ଶ୍ରେଷ୍ଠ ଆବିଷ୍କାର। ତାଙ୍କ ଅହିଂସା ବିଚାରଧାରା ଦୁଇ ଭାଗରେ ବିଭକ୍ତ - ଅହିଂସାର ଭାବନା ଓ ଅହିଂସା ଆଚରଣ। ଗାନ୍ଧିଜୀଙ୍କ ପରଲୋକ ପରେ ମଧ୍ୟ ବିଶ୍ୱର ବିଭିନ୍ନ ଦେଶରେ ଓ ଭାରତବର୍ଷରେ ମଧ୍ୟ ତାଙ୍କ ଅହିଂସା, ଶାନ୍ତି ଓ ସତ୍ୟାଗ୍ରହକୁ ସଫଳତାର ସହିତ ଉପଯୋଗ କରାଯାଇଛି। ସାଂପ୍ରତିକ ସମୟରେ ବିଶ୍ୱବ୍ୟାପୀ ଗାନ୍ଧିଜୀଙ୍କ ବାର୍ତ୍ତାର ପ୍ରୟୋଗ ହେବା ଅତ୍ୟନ୍ତ ଆବଶ୍ୟକ ବୋଲି ସେ ମତ ଦେଇଥିଲେ।

ପୂର୍ବତନ ପ୍ରମୁଖ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଭିତ୍ତି ଭାଷଣ ପ୍ରଦାନ କରି ରାଜକିଶୋର ନାୟକଙ୍କ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ଦର୍ଶାଇ କହିଥିଲେ ଯେ , ରାଜକିଶୋର ବାବୁ ବିରୂପା, ମହାନଦୀ ଏବଂ ଚିତ୍ରୋତ୍ପଳା ତ୍ରିକୋଣଭୂମି ଅଂଚଳର ସବୁ ଲୋକଙ୍କର ପ୍ରିୟପାତ୍ର ଥିଲେ। ସେ ତ୍ୟାଗୀ ଓ ଯୋଗୀ ଥିବା ସହିତ ବାଲ୍ୟକାଳରୁ ପରିବେଶ ପ୍ରେମୀ ଓ ଜୀବେ ଦୟା ମନୋବୃତ୍ତିର ବ୍ୟକ୍ତିତ୍ୱ ଥିଲେ।

ସମାରୋହର ସମ୍ମାନିତ ଅତିଥି ବିଶିଷ୍ଟ ସାହିତ୍ୟିକା ଡକ୍ଟର ଅର୍ଚ୍ଚନା ନାୟକ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ରାଜକିଶୋର ନାୟକ ଏଭଳି ଜଣେ ବ୍ୟକ୍ତିତ୍ୱ ଥିଲେ, ଯାହାଙ୍କ ନାମ ସ୍ମରଣ କଲେ ନତ ମସ୍ତକ ହେବାକୁ ପଡେ। ତାଙ୍କ ଜୀବନଚର୍ଯ୍ୟା ଆଦର୍ଶ ସ୍ଥାନୀୟ। ପତ୍ନୀ ନିର୍ମଳପ୍ରଭାଙ୍କ ସାହଚର୍ଯ୍ୟ ତାଙ୍କ ଜୀବନକୁ ଅଧିକ ଋଦ୍ଧିମନ୍ତ କରିଥିଲା। ରାଜକିଶୋର ନାୟକ ନ୍ୟାସନାଲ ଫାଉଣ୍ଡେସନ ଟ୍ରଷ୍ଟ ସଭାପତି ପ୍ରହଲାଦ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶେଷରେ ଟ୍ରଷ୍ଟ କୋଷାଧକ୍ଷ ନିରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଆହାର ମୁହଁରେ ପାହାର ଦେଇଛି ବିଜେପି ସରକାର : କଂଗ୍ରେସ

**ଭୁବନେଶ୍ୱର,୪।୧ (ମହାଭାରତ):** ଆହାର ମୁହଁରେ ପାହାର ଦେଇଛି ବିଜେପି ସରକାର। ଉଠା ଦୋକାନୀଙ୍କୁ ବିନା ଆଲୋଚନାରେ ଉଠାଇବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି କଂଗ୍ରେସ। ନିୟମ ରହିଛି ଉଠା ଦୋକାନୀଙ୍କୁ ବିନା ଆଲୋଚନାରେ ଉଠାଇ ପାରିବେ ନାହିଁ। ଯଦି ଉଠାଇବେ ତାହାଲେ ସେମାନଙ୍କୁ ଉପଯୁକ୍ତ ସ୍ଥାନ ରେ ଥଇଥାନ କରିବେ। କିନ୍ତୁ ପ୍ରବାସୀ ଭାରତୀୟ ଦିବସ ଆଳରେ ୭ ହଜାର ଦୋକାନୀ ଉଚ୍ଛେଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉଠା ଦୋକାନୀଙ୍କ ଉଚ୍ଛେଦ କରି ସରକାର ଜିବିକା ବନ୍ଦ କରିଦେଇଛନ୍ତି। ବିନା ଲିଜ୍ ରେ ମାଳ ମାଳ ବିଲ୍ଡର ଜମି ମାଡି ବସିଛନ୍ତି। ସେମାନଙ୍କୁ ଉଠାଇବାକୁ ସାହସ କରୁନାହାନ୍ତି ସରକାର। ଉଠା ଦୋକାନୀଙ୍କ ଉପରେ ଅତ୍ୟାଚାର କୁ କଂଗ୍ରେସ ସହ୍ୟ କରିବ ନାହିଁ। ଆମେ ଦାବି କରୁଛୁ, ତାଙ୍କୁ କ୍ଷତି ପୂରଣ ଦିଆଯାଉ। ଥଇଥାନ କରାଯାଉ। ୪୮ ଘଂଟା ସମୟ ଦେଉଛୁ, ସରକାର ଦାବି ପୂରଣ ନହେଲେ ଆଇନକୁ ହାତକୁ ନେବାରେ ପଛ ଘୁଂଚା ଦେବନି କଂଗ୍ରେସ। ତୀବ୍ର ବିରୋଧ କରାଯିବ। କେନ୍ଦ୍ରମନ୍ତ୍ରୀମାନଙ୍କୁ ବିରୋଧ କରାଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

## ଟଙ୍କପାଣି-ସାଇମନ୍ଦିର ରାସ୍ତାର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କଲେ ବିଧାୟକ ବାବୁ ସିଂ

**ଭୁବନେଶ୍ୱର,୪।୧ (ମହାଭାରତ):** ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ସରକାର ଗଠନ ହେବା ପରେ ଓ ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିଜେପି ବିଧାୟକ ବିଜୟୀ ହେବା ପରେ ଏକାମ୍ର ନିର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶକୁ ସର୍ବଦା ପ୍ରାଧାନ୍ୟ ଦିଆଯାଉଛି । ବିଜେପି ସରକାରରେ ଏକାମ୍ର ର ଭିତିଭୂମିକୁ ସୁଦୃଢ କରିବା ପାଇଁ ସମସ୍ତ ବାଧାବିଘ୍ନ ଦୂର କରାଯିବା ସହିତ ନୂତନ ପ୍ରକଳ୍ପ ନିର୍ମାଣ କରାଯିବ । ଆଜି ଏକାମ୍ର ନିର୍ବାଚନ ମଣ୍ଡଳୀର ଟଙ୍କପାଣି-ସାଇମନ୍ଦିର ରାସ୍ତା କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ବିଧାୟକ ବାବୁ ସିଂ । ସ୍ଥାନୀୟ ଜନସାଧାରଣ ଅଭିଯୋଗ ଥିଲା ଏହି ରାସ୍ତା ର ନିର୍ମାଣ ପାଇଁ ତେଣୁ ଏହି ରାସ୍ତା ନିର୍ମାଣ ଖୁବ୍ ଜଲ୍‌ଦୀ ସରିବ ।ୱାର୍ଡ଼ ନଂ ୫୫ ନାଗେଶ୍ୱରଟାଙ୍ଗୀ ଅଂଚଳରେ ଏକ ଫୁଡ୍ କୋଟ ର ଶୁଭ ଉଦ୍ଘାଟନ କରିଥିଲେ ବିଧାୟକ।

ଏକାମ୍ର ବାସୀଙ୍କ ବିଶ୍ୱାସକୁ ନେଇ ବିଜେପି ସରକାର କାମ କରିବ ।ନିର୍ବାଚନୀ ପ୍ରତିଶ୍ରୁତି କୁ ବାସ୍ତବ ରୂପ ଦେବା କାର୍ଯ୍ୟ ଆରମ୍ଭ ହୋଇସାରିଛି ବୋଲି ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି । ଅତୀତର ବିଜେଡି ସରକାର ଅମଳରେ ରାଜନୈତିକ ଇଚ୍ଛା ଓ ଆନ୍ତରିକତା ଅଭାବ କାରଣରୁ କେନ୍ଦ୍ରୀୟ ପ୍ରକଳ୍ପଗୁଡିକୁ ବାସ୍ତବ ରୂପ ମିଳି ପାରୁନଥିଲା ଏବଂ ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିକାଶ ବାଧାପ୍ରାପ୍ତ ହେଉଥିଲା। ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିକାଶ ର ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି ବୋଲି ଶ୍ରୀ ସିଂ କହିଛନ୍ତି ।ଏକାମ୍ର ନିର୍ବାଚନ ମଣ୍ଡଳୀର ବିକାଶକୁ ପ୍ରାଧାନ୍ୟ ଦିଆଯାଇଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି ଙ୍କୁ ଏକାମ୍ର ବିଧାୟକ ବାବୁ ସିଂ ଏକାମ୍ର ବାସୀଙ୍କ ତରଫରୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ।ଆଜିର ଏହି କାର୍ଯ୍ୟକ୍ରମ ରେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ , କର୍ପୋରେଟର ନମିତା ମହାପାତ୍ର,ସ୍ଥାନୀୟ ନେତୃତ୍ୱ ସଂଗ୍ରାମ ମାର୍ଥା, ମଳୟ ମହାପାତ୍ର, କବିରାଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



## ଏଥର ଦିଲ୍ଲୀରେ ଗଡିବନି ପ୍ରଜ୍ଞାପନ ମେଢ଼
## ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କଲା ବିଜେଡି

**ଭୁବନେଶ୍ୱର,୪।୧ (ମହାଭାରତ):** ଚଳିତବର୍ଷ ଦିଲ୍ଲୀର କର୍ତ୍ତବ୍ୟପଥରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପରେଡରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ନ ଗଡିବା ଏକ କ୍ଷୋଭର ବିଷୟ ବୋଲି ବିଜୁ ଜନତା ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଶ୍ରୀ ଦେବୀ ପ୍ରସାଦ ମିଶ୍ର ଏକ ପ୍ରେସ ବିବୃତିରେ କହିଛନ୍ତି । ଓଡ଼ିଆ ଅସ୍ମିତା ରାଜ୍ୟରେ ଏକ ପ୍ରମୁଖ ପ୍ରସଙ୍ଗ ହୋଇଥିବା ବେଳେ ଓ ଡବଲ ଇଂଜିନ ସରକାର ଶାସନ ସମୟରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼କୁ ସ୍ୱୀକୃତି ନମିଳିବା ନିଶ୍ଚିତ ଭାବେ ଉଦ୍ବେଗର ବିଷୟ । ତେଣୁ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ହସ୍ତକ୍ଷେପ କରନ୍ତୁ ବୋଲି ଶ୍ରୀ ମିଶ୍ର କହିଛନ୍ତି ।

ଉଲ୍ଲେଖଯୋଗ୍ୟ, ଗତବର୍ଷ କର୍ତ୍ତବ୍ୟପଥରେ ଐତିହ୍ୟ ଗ୍ରାମ ରଘୁରାଜପୁର ହସ୍ତକଳାକୁ ନେଇ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା । ପଟ୍ଟଚିତ୍ର ସହିତ ହସ୍ତଶିଳ୍ପ ଏବଂ କୁଟୀର ଶିଳ୍ପକୁ ପ୍ରଜ୍ଞାପନ ମେଢ଼ରେ ପ୍ରଦର୍ଶିତ କରାଯାଇଥିଲା ଓ ଓଡ଼ିଶାର ଏହି ମେଢ଼ ପ୍ରଥମ ପୁରସ୍କାର ହାସଲ କରିଥିଲା । ୨୦୨୫ ଜାନୁଆରୀ ୨୬ ତାରିଖରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପରେଡରେ ଓଡିଶା ତରଫରୁ ମାଣିଆବନ୍ଧ ଶାଢ଼ୀ, ହସ୍ତଶିଳ୍ପ ଓ ମନ୍ଦିର ମାଳିନୀ ଭୁବନେଶ୍ୱରକୁ ମଡେଲ ଭାବେ ପ୍ରସ୍ତାବ ଦିଆଯାଇଥିଲା । ତେବେ ଏ ବର୍ଷ ମନୋନୀତ ହୋଇଥିବା ପ୍ରଜ୍ଞାପନ ମେଢ଼ ମଧ୍ୟରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼କୁ ସ୍ଥାନ ମିଳି ନାହିଁ । କିନ୍ତୁ କେଉଁ କାରଣରୁ ଏହାକୁ ମନୋନୀତ କରାଯାଇନାହିଁ ତାହା ସ୍ପଷ୍ଟ ହୋଇନାହିଁ ।

# ଉତ୍କର୍ଷ ଓଡିଶା ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ

**ଭୁବନେଶ୍ୱର,୪।୧ (ମହାଭାରତ):** ଉତ୍କର୍ଷ ଓଡିଶା କାର୍ଯ୍ୟକ୍ରମ ଚୂଡାନ୍ତ ପର୍ଯ୍ୟାୟରେ ପହଂଚିଛି । ଆଜି ଏ ସମ୍ପର୍କରେ ଶିଳ୍ପ ବିଭାଗର ପ୍ରମୁଖ ସଚିବ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ପ୍ରସ୍ତୁତି ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନ କରି ଜଣାଇଛନ୍ତି । ସମସ୍ତ କାର୍ଯ୍ୟକ୍ରମକୁ ତ୍ରୁଟିଶୂନ୍ୟ ଭାବରେ ଓ ଆକର୍ଷଣୀୟ ଭାବରେ ପରିଚାଳନା କରି ଜାତୀୟ ଓ ଅନ୍ତର୍ଜାତୀୟ ନିବେଶକ ମାନଙ୍କ ପାଖରେ ଓଡିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି । ଏହା ଦ୍ୱାରା ଦୀର୍ଘ ସମୟ ପାଇଁ ଓଡିଶା ପୁଞ୍ଜିନିବେଶକ ମାନଙ୍କ ପାଇଁ ପସନ୍ଦର ସ୍ଥାନ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଉପସ୍ଥାପନାରୁ ଜଣାଯାଇଛି ଯେ, ଜାନୁଆରୀ ୨୭ ତାରିଖରେ କନଫେଡେରେସନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଏହାର ନ୍ୟାସନାଲ ଏକଜିକ୍ୟୁଟିଭ୍ କାଉନସିଲ୍ ର ବୈଠକ ଅନୁଷ୍ଠିତ ହେବ । ଜାନୁଆରୀ ୨୮-୨୯ ଦୁଇ ଦିନ ଧରି ୪ଟି ପ୍ଲେନାରୀ ସେସନ, ୧୬ଟି ସେକ୍ଟରାଲ୍ ସେସନ୍ ଓ ୪ଟି ରାଉଣ୍ଡ ଟେବୁଲ୍ କନଫରେନସ୍ ଅନୁଷ୍ଠିତ ହେବ । ଏହି ଦୁଇ ଦିନରେ ପ୍ରାୟ ୩୦୦୦ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଶିଳ୍ପପତି, ପୁଞ୍ଜିନିବେଶକାରୀ, ଷ୍ଟାର୍ଟଅପ ଉଦ୍ୟୋଗୀ ଓ ଶିକ୍ଷସଂସ୍ଥା ସହିତ ଜଡିତ ବ୍ୟକ୍ତିମାନେ ଯୋଗଦେବେ। ୨୮ ତାରିଖ ଦିନ ପ୍ରଧାନମନ୍ତ୍ରୀ ଆସି ଉପସ୍ଥିତ ଶିଳ୍ପପତି ଓ ପୁଞ୍ଜିନିବେଶକାରୀ ମାନଙ୍କୁ ଉଦବୋଧନ ଦେବେ । ଏହି ଦୁଇ ଦିନ ମଧ୍ୟରେ ଶିଳ୍ପର ବିଭିନ୍ନ କ୍ଷେତ୍ର ସମ୍ବନ୍ଧିତ ସ୍ୱତନ୍ତ୍ର ସେସନ୍ ଅନୁଷ୍ଠିତ ହେବା ସହିତ ବିଶିଷ୍ଟ ଶିଳ୍ପପତି ମାନଙ୍କ ଅଭିଭାଷଣ, ମୁଖ୍ୟମନ୍ତ୍ରୀଙ୍କ ସହିତ ବଡ ବଡ ଶିଳ୍ପସଂସ୍ଥାର ସି.ଇ.ଓ ମାନଙ୍କ ରାଉଣ୍ଡ ଟେବୁଲ, ଓଡିଆ ଉଦ୍ୟୋଗୀ ମାନଙ୍କ ସ୍ୱତନ୍ତ୍ର ସେସନ୍ ଏବଂ ମହିଳା ବିଜନେସ୍ ଲିଡର୍ସ ମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ସେସନ ଅନୁଷ୍ଠିତ ହେବ । ଏହା ସହିତ 'ସୁଭଦ୍ରାରୁ ମୁଦ୍ରା' ନାମରେ ଓଡିଆ ମହିଳା ଉଦ୍ୟୋଗୀ ମାନଙ୍କ ପାଇଁ ମଧ୍ୟ ଏକ ସ୍ୱତନ୍ତ୍ର ସେସନ ଅନୁଷ୍ଠିତ ହେବ । ଜାନୁଆରୀ ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଇଣ୍ଡଷ୍ଟ୍ରିଆଲ୍ ଏକଜିବିସନ୍ ଅନୁଷ୍ଠିତ ହେବ। ଏହି ବୈଠକରେ ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ନିକୁଞ୍ଜ ବିହାରୀ ଧଳ, ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେନ୍ଦ୍ର କୁମାର ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବ ମାନେ ଉପସ୍ଥିତ ଥିଲେ।





ମହାଭାରତ

ସାରାଂଶ ଚଳନ୍ତି ସମୟର ଅବଶିଷ୍ଟାଂଶ






# ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା

ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଚଳିତ ବର୍ଷ କେବଳ କୋଟାରେ ୩୪ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ବାସ୍ତବରେ ଏହା ଏକ ଉଦବେଗର ବିଷୟ। ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀମାନେ ମଧ୍ୟ ମେଧାବୀ ଏବଂ ଅଧ୍ୟବସାୟୀ। କିନ୍ତୁ ପ୍ରସ୍ତୁତିରେ ସାମାନ୍ୟ ତ୍ରୁଟିରୁ ସେମାନେ ବିଫଳ ହୋଇଛନ୍ତି। ହୁଏତ ସେମାନେ ଭିନ୍ନ ପରୀକ୍ଷାରେ କୃତିତ୍ୱ ହାସଲ କରିଥାନ୍ତେ। କିନ୍ତୁ ସେମାନଙ୍କୁ ପ୍ରବୋଧନା ଦେବାକୁ ଏବଂ ସଠିକ ମାର୍ଗ ଦର୍ଶନ କରିବାକୁ କେହି ନାହାଁନ୍ତି। କେବଳ ଶିକ୍ଷାଦାନ ନୁହେଁ, ପିଲାଙ୍କୁ ଜୀବନରେ ଲକ୍ଷ୍ୟ କରିବାର ପ୍ରୋତ୍ସାହନ ନିହାତି ଆବଶ୍ୟକ। ବିଗତ ଦୁଇ ଦଶନ୍ଧି ମଧ୍ୟରେ ଦେଶର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସିଛି। ପରୀକ୍ଷା ବ୍ୟବସ୍ଥାରେ ଅନେକ ସଂସ୍କାର ହୋଇଛି। ଅନେକ ନୂଆ ନୂଆ ବୈଷୟିକ କଲେଜ ଏବଂ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ତେବେ ଶିକ୍ଷା ବାବଦରେ ବ୍ୟୟ ଭାର ବଢ଼ିଛି। ଯେଉଁମାନେ ଘରୋଇ ସ୍କୁଲ-କଲେଜରେ ପାଠ ପଢୁଛନ୍ତି ସେମାନଙ୍କୁ ଏ ବାବଦରେ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। ଏପରିକି ସ୍ଥଳ ବିଶେଷରେ ମେଡିକାଲ ବା ଏମବିଏ ଭଳି ପାଠ୍ୟକ୍ରମ ଲାଗି କୋଟିଏ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଯଦିଓ ଆଇଆଇଟି, ଏନଆଇଟି, ଏମସ ଭଳି ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ ଏବଂ ସିଟ ସଂଖ୍ୟା ବୃଦ୍ଧି ପାଉଛି, କିନ୍ତୁ ସେହି ଅନୁପାତରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ତେଣୁ ଏସବୁ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ମଧ୍ୟ ବୃଦ୍ଧି ପାଇଛି। ପ୍ରତିଯୋଗିତାର ମାନ ଏତେ ବଢ଼ିଯାଇଛି ଯେ, ଏଥିରେ ସଫଳ ହେବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରକାର ଚାଲେଞ୍ଜ ପାଲଟିଯାଇଛି। ଏଥିପାଇଁ ସେମାନଙ୍କ ଉପରେ ବାପା-ମା' ବା ପରିବାର ପକ୍ଷରୁ ଚାପ ପକାଯାଉଛି। ଯେମିତି ହେଲେ ସେମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହେବାକୁ ପଡ଼ିବ। ବାପା-ମା' ମାନେ ସେମାନଙ୍କ ଲାଗି ଏଥିପାଇଁ ବିପୁଳ ଅର୍ଥ ମଧ୍ୟ ବ୍ୟୟ କରୁଛନ୍ତି। ଅନେକ ଛାତ୍ରଛାତ୍ରୀ ଏଥିପାଇଁ ଘରୋଇ କୋଚିଂ ସେଣ୍ଟରରେ କୋଚିଂ ନେଉଛନ୍ତି। ରାଜସ୍ଥାନର କୋଟା ଦେଶର ଏକ ପ୍ରମୁଖ କୋଚିଂ ସେଣ୍ଟର ଭାବେ ପରିଚିତ। ଦେଶର ବିଭିନ୍ନ ଅଞ୍ଚଳରୁ ସେଠାକୁ ଛାତ୍ରଛାତ୍ରୀମାନେ ଯାଇ କୋଚିଂ ନିଅନ୍ତି। ଏ ବାବଦରେ ବିପୁଳ ଅର୍ଥ ବ୍ୟୟ ମଧ୍ୟ କରିବାକୁ ପଡ଼ିଥାଏ। କୋଟା ସହର ବ୍ୟତିତ ଅନ୍ୟାନ୍ୟ ସହରରେ ମଧ୍ୟ ଏଭଳି ଅନେକ କୋଚିଂ ସେଣ୍ଟର ରହିଛି। ଏସବୁ ବ୍ୟବସାୟିକ ସଂସ୍ଥା। ଶିକ୍ଷାଦାନ ନାମରେ ସେମାନେ ପିଲାଙ୍କୁ ଆର୍ଥିକ ଦୃଷ୍ଟିରୁ ଶୋଷଣ କରୁଥିବାର ଅଭିଯୋଗ ମଧ୍ୟ ହେଉଛି। ଏହିସବୁ କୋଚିଂ ସେଣ୍ଟର ଗୁଡ଼ିକରେ ଶିକ୍ଷା ଏବଂ ତାଲିମ ପାଉଥିବା ଅନେକ ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ମଧ୍ୟ ହେଉଛନ୍ତି। କିନ୍ତୁ ସମସ୍ତେ ସଫଳ ହେବେ ବୋଲି ଆଶା କରାଯାଇନପାରେ। ଅନେକ ବିପୁଳ ଅର୍ଥ ବ୍ୟୟ କରି କୋଚିଂ ନେବା ସତ୍ତ୍ୱେ ବିଫଳ ମଧ୍ୟ ହେଉଛନ୍ତି। ଏଥିରେ ବାପା-ମା' ମାନେ ଅସନ୍ତୁଷ୍ଟ ହେଉଛନ୍ତି। ଫଳରେ ପିଲାମାନେ ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି। ବାପା-ମା'ଙ୍କୁ ସନ୍ତୁଷ୍ଟ କରିନପାରିବାର ଦୁଃଖ ଏବଂ ଭୟ ସେମାନଙ୍କୁ ଘାରୁଛି। ସମସ୍ତଙ୍କର ମାନସିକ ଚାପ ସହ୍ୟ କରିବାର ଶକ୍ତି ସମାନ ନଥାଏ। କେତେକ ମାନସିକ ଚାପ ସହିନପାରି ଆତ୍ମହତ୍ୟା କରିବାକୁ ପଛାଉ ନାହାଁନ୍ତି। ଯେଉଁମାନେ ଦେଶର ଭବିଷ୍ୟତ ସେମାନେ ଯଦି ନୈରାଶ୍ୟରେ ବୁଡିଯିବେ ଏବଂ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବେ ତେବେ ଦେଶର ଭବିଷ୍ୟତ ଅନ୍ଧକାରମୟ ହୋଇଯିବ। ଏକ ନିର୍ଦ୍ଦିଷ୍ଟ ପରୀକ୍ଷାରେ ସଫଳ ହେବା ଜୀବନର ଅନ୍ତିମ ବା ଚରମ ଲକ୍ଷ୍ୟ ନୁହେଁ। ସେମାନେ ଭଲ ଛାତ୍ର।

# କଳଙ୍କୀ

॥ ଅଜୟ କୁମାର ବେହେରା ॥

*ଘୋଡ଼ା ଖେଳରେ ଲୋକେ ଟଙ୍କା ଲଗାଇ ଅନେକ ଲାଲେନହାଲେ ହେଉଥିଲେ। ଅନେକ ଶୂନ୍ୟରୁ ଧନୀରେ ଆସୁଥିଲେ। ଏବେ ଘୋଡ଼ା ଖେଳର ଧାରା ଭିନ୍ନ ଭିନ୍ନ କୌଶଳ ନେଲାଣି। କେଉଁ ଦଳ କେଉଁ ନେତା ଆସିବା ସମ୍ଭବନା ଅଧିକ ତାଙ୍କରି ପାଇଁ ଅର୍ଥ ପ୍ରୟୋଗ ହେଉଛି। ବ୍ୟାଙ୍କମାନେ ଋଣ ପାଉବା ବଣିକ ବୁଝି ତାଙ୍କୁ ଅର୍ଥ ଦେଉଛନ୍ତି। ଦୂର ବୃହଦ୍ ବଣିକ କେଉଁ ପ୍ରକାର ଛୋଟ ବଣିକକୁ ବାଣିଜ୍ୟ ପଣ୍ୟ ବାକିରେ ଦେଇ କୃତ୍ୟ ଚଳାଉଛନ୍ତି।*

ବଏଲ ଅଣ୍ଡା କହିଲେ ସିଝା ଅଣ୍ଡାକୁ ଲୋକେ ବୁଝନ୍ତି। ମାତ୍ର ଏଥିରେ ଛନ୍ଦଣି ରହିଛି। ବଏଲ୍ ଅର୍ଥ ସିଝା, ବୈଲ ହେଲା ହିନ୍ଦୀରେ ବଳଦ, ବୈଲ ଅଣ୍ଡା ଯଦି ହିନ୍ଦୀ ଶବ୍ଦ ଧରାଯାଏ ତେବେ ଏହା ଅର୍ଥ ଉଦ୍ଭଟ। କାରଣ ବଳଦ ଅଣ୍ଡା ଦିଏ ନାହିଁକି ତାର ଯୌନାଙ୍ଗ ସଂଶ୍ଳିଷ୍ଟ ଅଣ୍ଡକୋଷ ବାଛୁରୀ ବେଳେ ଛିନ୍ନ କରି ଦିଆଯାଇଥାଏ। ଏମିତି ଛନ୍ଦଣି ଶବ୍ଦ ସବୁ ଭାଷାରେ କିଛି କିଛି ଚଳି ଆସୁଛି। ଲୋକରେ ଚଳି ଗଲାଣି ବୋଲି ଲୋକେ ଆନ ନଭାବି ପ୍ରକୃତ ଅର୍ଥରେ ଧରି ନେଉଛନ୍ତି। ଏଇ କଳକୀ ଏଥିରେ ଅଛି କଳ ଓକୀ। କି ଅର୍ଥ ଚାବି। କଳର ଚାବି ଭାବରେ ଧରାଯାଇପାରେ। ସବୁ କଳର ଚାବି ଅଛି। ମଟ ସାଇକେଲ, ମଟରଗାଡ଼ି, ରେଳଗାଡ଼ି, ଉଡାଜାହାଜ ସବୁର ଚାବି ଅଛି। କମ୍ପ୍ୟୁଟର ବି ଚାବି ଅଛି, ବଡ଼ ବଡ଼ କାରଖାନାର ଚାବି ଅଛି। ଜେଲଖାନାର ଚାବି ଅଛି, ଚାବିକୁ ଛାଡ଼ି କୌଣସି ଯନ୍ତ୍ର ନାହିଁ। ରେଡ଼ିଓ, ଟିଭିର ଚାବି ତାର ରିମୋଟ କଣ୍ଟ୍ରୋଲ ଓ ପାୱାର ଅଫଅନ ସିଷ୍ଟମ। ଏବେ ଓଟିପି ବି ଏକ ପ୍ରକାର ସାଂଘାତିକ ଚାବି।

ସରକାରୀ ନଥିରେ ପ୍ରତ୍ୟେକଙ୍କ ପରିଚିତ ପାଇଁ ଫଟୋ ପରିଚୟ ପତ୍ର, ଆଧାରକାର୍ଡ଼, ପାନକାର୍ଡ଼ ଏସବୁ ସହିତ ଟେଲିଫୋନ ନମ୍ବର ସଂଯୋଗ ରହିଛି। ଏଥିରୁ ଗୋଟିକୁ ଧରିଲେ ବ୍ୟକ୍ତିର ସମସ୍ତ ସ୍ଥିତି ସମ୍ବନ୍ଧ ସମ୍ପତ୍ତି ଗଚ୍ଛିତ ଧନ, ବୟସ ସବୁ ଧରାପଡୁଛି ଏଇ ସେହି କଳକୀ। ବାରହାତ ଖଣ୍ଡା ସମସ୍ତେ ଜାଣନ୍ତି ବାରଟି ରାଶି ଅଛି ଓ ଏଥିରେ ପୃଥିବୀ ଆରମ୍ଭରୁ ଶେଷ ଯାଏ ସମସ୍ତ ଜନ୍ମ ଏ ସମୟ ଜିବିତଙ୍କର ଜନ୍ମ ରହିଛି। ବାର ରାଶିର ପ୍ରକୃତି ଉଦ୍ଦୀପନା ଭାବନା କାର୍ଯ୍ୟକାରୀ ଶକ୍ତି ସର୍ବଦା ଭିନ୍ନ ଭିନ୍ନ। ରାଜନୈତିକ ଦଳ ମାନଙ୍କରେ ଦ୍ୱିଧା କି ଅଛି। ଏକ ଦଳୀୟ ମୁଖ୍ୟଙ୍କର ଓ ତାଙ୍କୁ ପରାମର୍ଶ ଦେଉଥିବା ବ୍ୟକ୍ତିଙ୍କର ହାତରେ କାହାକୁ ଯୋଗ୍ୟ କାହାକୁ ଅଯୋଗ୍ୟ ସମୟ ଅନୁସାରେ କରାଯାଇ ଉଥାନ ବା ପତନ କରାଯିବ ତାର ଧାରା ବ୍ୟାଙ୍କରେ ଲକର ଚାବି ପରି ଦୁଇଟି ଚାବି ଏଥିରେ ଦୃଶ୍ୟ। ନେତାଙ୍କ ପାଖରେ ଏତେ ପଇସା କେବେ ଭୋଟର ପୂର୍ବରୁ ନଥାଏ। ଭୋଟ ବେଳେ କାହୁଁ କାହୁଁ କଉଡି ଧନ ପହଞ୍ଚେ ଏ ମଧରେ ବଣିକ ଗୋଷ୍ଠୀ ଥାଆନ୍ତି ଯେଉଁମାନେ ଅଗାଡ଼ି ଖିଲାଏଗା ପିଛେ ଟାଣେଗା। ଏ ଧାରାରେ ପ୍ରତ୍ୟେକ ଦଳ ବଣିକ ମାନଙ୍କର ପୃଷ୍ଠପୋଷକରେ ଚାଲୁଛି। ବଣିକମାନେ ପ୍ରତ୍ୟେକ ଦଳୀୟ ପ୍ରାର୍ଥୀକୁ ଅର୍ଥ ଦିଅନ୍ତି ଯେଉଁ ଦଳ ଜିତିଲା ବାସ ତାଠାରୁ ପଛେ ପଛେ ବାଣିଜ୍ୟର ମଞ୍ଜି ଓ କ୍ଷେତ୍ର ଖୋଜା ଯାଇ ଧନ ଫେରସ୍ତ ଚିନ୍ତା ରହିଆସୁଛି।

ଘୋଡ଼ା ଖେଳରେ ଲୋକେ ଟଙ୍କା ଲଗାଇ ଅନେକ ଲାଲେନହାଲେ ହେଉଥିଲେ। ଅନେକ ଶୂନ୍ୟରୁ ଧନୀରେ ଆସୁଥିଲେ। ଏବେ ଘୋଡ଼ା ଖେଳର ଧାରା ଭିନ୍ନ ଭିନ୍ନ କୌଶଳ ନେଲାଣି। କେଉଁ ଦଳ କେଉଁ ନେତା ଆସିବା ସମ୍ଭବନା ଅଧିକ ତାଙ୍କରି ପାଇଁ ଅର୍ଥ ପ୍ରୟୋଗ ହେଉଛି। ବ୍ୟାଙ୍କମାନେ ଋଣ ପାଉବା ବଣିକ ବୁଝି ତାଙ୍କୁ ଅର୍ଥ ଦେଉଛନ୍ତି। ଦୂର ବୃହଦ୍ ବଣିକ କେଉଁ ପ୍ରକାର ଛୋଟ ବଣିକକୁ ବାଣିଜ୍ୟ ପଣ୍ୟ ବାକିରେ ଦେଇ କୃତ୍ୟ ଚଳାଉଛନ୍ତି। ଏବେ ଖେଳ ଦୁନିଆଁରେ ଏପରି ସମ୍ଭାବିତ ଜିତାପଟ ବ୍ୟକ୍ତିକୁ ଅନେକ ଅର୍ଥ ଦେଇ ହରାଇ ଏଇ ଘୋଡ଼ା ଖେଳ ପରି ଅର୍ଥ ପାଉଛନ୍ତି ଯେ ଜିତିବାର ସମ୍ଭବ ନଥିଲା ତାକୁ ଜିତାଇବା କୌଶଳରେ ଏସବୁର କି ଧନ। ଖଣ୍ଡା ଅର୍ଥ ଯେ ଖଣ୍ଡ ଖଣ୍ଡ କରେ ବା ଛେଦ କରେ। ଏଇ ବାର ରାଶି ଜନ୍ମ ଜାତକମାନେ ପରସ୍ପର ସହଯୋଗ ନକରି ଭିନ୍ନ ଭିନ୍ନ ମତରେ ତର୍କବାଜୀ କରି ସମୟକୁ ଧ୍ୱଂସ ଆଡ଼କୁ ନେବେ ଏହା କଳକୀ ଲୀଳା। କେହି ବଞ୍ଚିବେ ନାହିଁ ଜାଣୁଛନ୍ତି ତଥାପି ରାଜ କରିବା ପାଇଁ ସମୟକୁ ସ୍ୱ ମନ ମାନିରେ ନେବାକୁ ଚାହୁଁଛନ୍ତି। ଏଇପାଇଁ ଗୃହସ୍ଥ ମାନଙ୍କର ଗୃହସ୍ଥି ଜୀବନ ବର୍ତ୍ତମାନ ଏବେ ଠିକ ଚାଲୁନାହିଁ। ସ୍ୱାମୀ ସ୍ତ୍ରୀ ବାପପୁଅ, ମାଆପୁଅ, ମାଆ ଝିଅ, ଭାଇ ଭାଇ, ଭାଉ ଭଉଣୀ, ଦୁଇ ପଡ଼ୋଶୀ, ଦୁଇ ସାହି ଲୋକ, ଦୁଇ ଗ୍ରାମ ଲୋକ, ଦୁଇ ଜାତି, ଦୁଇ ଧର୍ମ ଲୋକ, ଦୁଇ ରାଜ୍ୟ, ଦୁଇ ଦେଶ ଏଇ ଅଦୃଶ୍ୟ ଖଣ୍ଡା ଧାରଣରେ ସର୍ବଦା ମତ ଫରକ କଳହ ଲାଗି ରହୁଛି। ଏଇ କଳକୀ ଲୀଳା ଏଥିରେ କି କ'ଣ ? ତୃତୀୟ ପକ୍ଷ ପାଖରେ କି ଏବେ ପହଞ୍ଚି ଯାଇଛି ସେ ନଚାଉଛନ୍ତି ଲୋକେ ତାଙ୍କ କଥାରେ ନାଚୁଛନ୍ତି। ପୁଅ ଝିଅ ବିବାହ ହେବେ, ପାଠ ପଢ଼ିଛନ୍ତି, ରୋଜଗାର ଅଛି ବାପାମା ଅପାରଗ ନୁହଁନ୍ତି ହେଲେ ପୁଅଝିଅ ବିବାହରେ ସମସ୍ୟା, ମନ ପସନ୍ଦ ପାର୍ଥୀ ପ୍ରାପ୍ତି ପାଇଁ ମ୍ୟାରେଜ ବ୍ୟୁରୋକୁ ଯାଇ ନାମ ରେଜେଷ୍ଟ୍ରି କରି ତାଙ୍କର ପ୍ରସ୍ତାବ ପ୍ରାପ୍ତି ପାଇଁ ପ୍ରତୀକ୍ଷା କରିବାକୁ ପଡ଼ିଲାଣି ଏଇ ହେଲା ବିବାହ ପାଇଁ କି। ମନ ମିଳିଲା ନାହିଁ ଯୌବନର ସଙ୍ଗ ଦୁଃଖଦ ଉଭୟ ଶିକ୍ଷିତ ହେଲେ ବି ଚଳୁନାହିଁ ଏଣୁ ନୋଟ ଆଶ୍ରୟ ଦରକାର ଏଥିରେ ଯେ ଯାହା କରିନାହିଁ କି ପ୍ରସଙ୍ଗ ପ୍ରକୃତରେ ତାହା ନୁହେଁ। ଏପରି ଅପ୍ରାସଙ୍ଗିକ ଅଭିଯୋଗ କୋର୍ଟରେ ଉତ୍ଥାନ କରାଯାଉଛି। କେଶ ସାଥି ସାଥି ତୁଟେ ନାହିଁ ଏଥିରେ ଅଭିଯୋଗକାରୀ ଓ ପକ୍ଷ ଦୁଇଜଣଙ୍କର ଯୌବନ ବିଫଳ ହେଉଥାଏ। ଏହାର କି ହେଲା ମିଥ୍ୟାରୋପ ବିବାହ ପୂର୍ବରୁ ଓ ବିବାହ ପରେ। ପୁଣି ତୃତୀୟ ପକ୍ଷ ଏ ମଧରେ ଚାଟୁବାକ୍ୟ କହି ବିଚ୍ଛେଦ ମନ୍ତ୍ରଣା ମୋବାଇଲ ଫୋନ ମାର୍ଫତ ବାରମ୍ବାର ଦେବା। ଶିକ୍ଷାକୁ ଏକ ବ୍ୟବସାୟରେ ପରିଣତ କରାଗଲାଣି। ସରକାରୀ ଓ ବେସରକାରୀ ଦୁଇ ସ୍ତରରେ କୌଶଳ କରି ପରୀକ୍ଷାର୍ଥୀକୁ ନମ୍ବର ଭିତ୍ତିକ ଛାତ ଓ ଅର୍ଥ ଭରିବାରେ ଉଚ୍ଚତର ଶିକ୍ଷା ଦିଆଯିବା ବ୍ୟବସ୍ଥା ହେଲାଣି। ଡାକ୍ତରୀ ଶିକ୍ଷା, ଇଞ୍ଜିନିୟରିଂ ଶିକ୍ଷା ପାଇଁ ପ୍ରତିବର୍ଷ ଆଡ଼ମିଶନ ତାମସା ଦେଖିଲେ ବୁଝା ପଡୁଛି। ସରକାରୀ କଲେଜ ବିଦ୍ୟାଳୟରେ ପରୀକ୍ଷାର୍ଥୀଙ୍କୁ ଧୂରୀଣ କରାଯିବା ପଦ୍ଧତିରେ କିଛି ତ୍ରୁଟି ଜଣାପଡୁଛି ଲୋକେ ଟିଉଟୋରିଆଲରେ ନାମ ଲେଖାଇ ଅର୍ଥ ଦେଇ ଧୁରୀଣ ହେବା ଚେଷ୍ଟା ରହିଛି। ପ୍ରକୃତରେ ମୌଳିକ ଶିକ୍ଷା ପଦ୍ଧତିରେ ଢ଼ିଲା ହିଁ ଅନ୍ୟକୁ ରୋଜଗାରକ୍ଷମ କରାଉଛି। ଏଥିରେ ବି କି ରହିଛି। ଏହି ଶିକ୍ଷା ପଦ୍ଧତି ଏକ କଳ।

କଳଘର ଏକ ଓ ଅନେକ ମିଶିଥାଏ। ସେମିତି ସରକାର ଏକ କଳ ଏଥିରେ ଅନେକ ବିଭାଗ ଓ ଉପ ବିଭାଗ ରହୁଛି। ସବୁ କଳର ଚାବି ଓ କଳ ଘର ଚାବି ଓ ପାୱାର ସପ୍ଲାଇ, କଞ୍ଚାମାଲ ସପ୍ଲାଇ କାର୍ଯ୍ୟକାରୀ ଅଫିସର ଟେକନିସିଆନ ଶ୍ରମିକଙ୍କ ରହିବା ପରି ସରକାରୀ କଳରେ ବି ଏପରି ପାହ୍ୟା। ପାହ୍ୟା ସ୍ତର ସର୍ବତ୍ର ଅଛି। ଏହାର କି ପ୍ରକୃତରେ ଜଣକ ଦସ୍ତଖତରେ ହିଁ ହୋଇ ଆସୁଛି। ରାଷ୍ଟ୍ରପତି କେଉଁଠି, କିନ୍ତୁ ରାଜପଥରୁ ଟ୍ୟାକ୍ସ ଆଦାୟ ସ୍ଥାନରେ ତାଙ୍କର ଆଦେଶ ନାମ ଦରଜ ରହିବା ଦେଖାଯାଉଛି। ଜଗୁଆଳି ପ୍ରତ୍ୟେକ୍ଷ ଓ ପରୋକ୍ଷ ଦୁଇ ପ୍ରକାରର ହୋଇ ପାରନ୍ତି। ପୁଣି ଜଗୁଆଳୀ ଧନ ଜୀବନ ସ୍ଥାନ ସବୁ ପର୍ଯ୍ୟାୟର ହୋଇପାରନ୍ତି। ଏକ ପିଲା, ଏକ ଯୁବତୀ ଏକ ବୁଢ଼ା ବା ବୁଢ଼ୀ ଏମାନଙ୍କର ହେପାଜତ ପାଇଁ ଜଗୁଆଳୀ ପ୍ରତ୍ୟେଗ ଗୃହରେ ଅଛନ୍ତି। ରାଜ୍ୟରେ ଶାନ୍ତିରକ୍ଷା ପୋଲିସଙ୍କ ଉପରେ ନ୍ୟସ୍ତ। ଦେଶର ସୀମା ଜଗି ସ୍ଥାନକୁ ସୁରକ୍ଷା ଦେବା ସୈନ୍ୟଙ୍କ କାମ ଏହା ପ୍ରତ୍ୟକ୍ଷ ଜଗୁଆଳୀ, ଧାରା ପରୋକ୍ଷରେ ପ୍ରତି ସ୍ଥାନରେ ଭେଡ଼ାବାଡ଼, ପାଚେରୀ ସ୍ଥାନକୁ ଏକ ଜଗୁଆଳୀ ରୂପେ ଜଗି ରହିଛନ୍ତି। ଗୃହ କାନ୍ଥ, ଛାତ, କବାଟ ଏମାନେ ଗୃହ ଆଭ୍ୟନ୍ତର ଧନ ସମ୍ପତ୍ତି ଜୀବନର ଜଗୁଆଳୀ। ଗାଡ଼ିଟିଏ କିଣି ଷ୍ଟାଣ୍ଡରେ ରଖି କାମ ବ୍ୟସ୍ତରେ କ୍ଷେତ୍ରରେକୁ ବାହାରିଗଲେ ମାନବ ଜଗୁଆଳୀ ପ୍ରତ୍ୟକ୍ଷ ଓ ଗାଡ଼ିର କବାଟ ଚାବି ପରୋକ୍ଷ ଗାଡ଼ିଟିକୁ ଜଗୁଛନ୍ତି।


ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ
ଦୂରଭାଷ : ୯୪୩୭୦୩୧୨୫୩


# ସୁଖର ସନ୍ଧାନେ

॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥

ମଣିଷ ସୁଖୀ ହେବାକୁ ଚାହେଁ କିନ୍ତୁ ସବୁ କ୍ଷେତ୍ରରେ ସବୁ ଦୃଷ୍ଟିରୁ ସର୍ବତୋଭାବେ ସୁଖୀ ହୋଇପାରେ ନାହିଁ । ମଣିଷ ଯାହା ଚାହୁଁଛ ତାହା ହାସଲ କରିବା ପାଇଁ ପ୍ରାଣପଣେ ଉଦ୍ୟମ କରୁଛି । ତେବେ ସୁଖୀ ହୋଇପାରିବ ନାହିଁ କାହିଁକି ? କ'ଣ ତ ଚାହିଁବାଟା ଦୁର୍ବଳ ଚାହିଁବା ବା ବାରମ୍ବାର ବିଫଳ ହୋଇସାରିବା ପରେ ତା'ର ମନବଳ ଭାଙ୍ଗି ଯାଉଛି । ବିଫଳ ହେବା ମଧ ଗୋଟିଏ ଭଲ ଶିକ୍ଷା । ସେ ଜାଣିପାରୁଥିବ ଯେ ସୁଖୀ ହେବା ତା'ହାତ ମୁଠାରେ ନାହିଁ । ଏବେ ଅନ୍ତତଃ ପକ୍ଷେ ସେ ଅନୁସନ୍ଧାନ କୁ ଯେ ବିଫଳତାର କାରଣ କ'ଣ ?

ଏ ସମୟର ସର୍ବୋଚ୍ଚ ଜ୍ଞାନ ସମ୍ପନ୍ନ ଅବତାର ଶ୍ରୀ ସତ୍ୟସାଇ ବାବାଙ୍କର ଉତ୍ତର ପୁରାପୁରି ଠିକ୍ ଭଳି ମନେହୁଏ । ତାଙ୍କ ଶିକ୍ଷାକୁ କାମରେ ଲଗାଇଲେ ତାହା କେତେ ପ୍ରଭାବଶାଳୀ ଆମେ ଉପଲବ୍ଧି କରିପାରିବା । ମଣିଷ ଭାବିଥାଏ ସେ ଯାହା ଚାହିଁଛି ତାହା ପାଇଗଲେ ସେ ଖୁସି ହେବ । ସେ କିଛି ପାଏ ନାହିଁ ବୋଲି କହି ହେବନାହିଁ । ଆମର ଇଚ୍ଛା କିଛି ହେଲେ ପୂରଣ ହୋଇନାହିଁ ବୋଲି ଆମେ କେବେ କହିପାରିବା ନାହିଁ । ନିଶ୍ଚିତ ଭାବେ କିଛି ଇଚ୍ଛା ପୁରଣା ହୋଇଛି । ତଥାପି ଜଣେ ନିଜକୁ ସୁଖି ବୋଲି ଘୋଷଣା କରିପାରେ ନାହିଁ । କାରଣ କିଛି ଇଚ୍ଛା ପୁରଣ ହୋଇଗଲା ମାତ୍ରେ ଖୁସିରେ ଆଉ ସେତିକି ଇଚ୍ଛା ପୁରଣ ହେବା ଆଶାରେ ତିଆରି ହୋଇଯାଆନ୍ତି।

ମଣିଷ ଯାହା ସବୁ ଇଚ୍ଛା ସେଗୁଡ଼ିକ ଶାଶ୍ୱତ ବସ୍ତୁ ବା ପଦାର୍ଥ ନୁହେଁ । ତାହା କିପରି ଆମକୁ ଶାଶ୍ୱତ ସୁଖ ଦେଇପାରନ୍ତା ? ତେଣୁ ସେଗୁଡ଼ିକ ମିଳିଗଲେ ମଧ କ୍ଷଣିକ ସୁଖ ପ୍ରଦାନ କରି ଅତିଶୀଘ୍ର ନିଜର ସାମାନ୍ୟ ସାମର୍ଥ୍ୟର ପରିଚୟ ପ୍ରଦାନ କରି ଉଭେଇଯାଆନ୍ତି । ମଣିଷକୁ ପୁନଶ୍ଚ ଅସୁଖି କରି ଦିଅନ୍ତି । ମଣିଷ ଏହା ଉପଲବ୍ଧି କରେ ଏବଂ କୌଣସି ଦୀର୍ଘସ୍ଥାୟୀ ସୁଖପ୍ରଦାନ କଲାଭଳି ବସ୍ତୁ ବା ପଦାର୍ଥ ଆଶାରେ ଜୀବନ ବିତାଏ । କିଛି ଦିନ ପରେ ସେ ଅନୁଭବ କରେ ଯେ ଦୀର୍ଘସ୍ଥାୟୀ ସୁଖଟା, ଚିରସ୍ଥାୟୀ । ସେତେବେଳେ ସେ ଭାବେ ଚିରସ୍ଥାୟୀ ବସ୍ତୁ ହିଁ ଚିରସ୍ଥାୟୀ ସୁଖ ପ୍ରଦାନ କରିପାରେ । ଧୀରେ ଧୀରେ ତାହାର ଜ୍ଞାନ ଉଦୟ ହୁଏ ଏବଂ ସେ ବୁଝିପାରେ ଯେ ସଂସାରରେ ଦେଖାଯାଉଥିବା କୌଣସି ପଦାର୍ଥ ଚିରସ୍ଥାୟୀ ସୁଖ ଦେଇପାରନ୍ତି ନାହିଁ କାରଣ ସେଗୁଡ଼ିକ ନିଜେ ଚିରସ୍ଥାୟୀ ନୁହନ୍ତି । ଏହିଭଳି ଅନୁସନ୍ଧାନ କରୁ କରୁ ସେ ଜାଣିପାରେ ସେ ସ୍ଥାୟୀ ସୁଖ ଖୋଜିବା ଏକ ବ୍ୟର୍ଥ ପ୍ରୟାସ ।

କିନ୍ତୁ କେତେକ ଉଚ୍ଚତର ଜ୍ଞାନ ସମ୍ପନ୍ନ ବ୍ୟକ୍ତି ଅଛନ୍ତି ଯେଉଁମାନେ କହନ୍ତି, ନା, ନା ଏଥିରେ ହତାଶ ହେବାର ନାହିଁ । ଚିରସ୍ଥାୟୀ ସୁଖ ମିଳିବାର ଉପାୟ ଅଛି । ତାହାକୁ ଆପଣାଇଲେ ସୁଖ ସମ୍ଭବ । ଗୀତାଜ୍ଞାନ ଅନୁସାରେ 'ଅନିତ୍ୟଂ ଅସୁଖଂ ଲୋକେ ମେମ୍ ପ୍ରାପ୍ୟ ଭଜସ୍ୱ ମାସ୍' । ଅର୍ଥାତ୍ ଏ ସଂସାରଟା ଅନିତ୍ୟ ଓ ଅସୁଖପୂର୍ଣ୍ଣ, ଯଦି ସୁଖ ଚାହୁଁଛ ଭଗବାନଙ୍କୁ ଭଜ ବା ଖୋଜ । କାରଣ ଏଠାରେ ନିତ୍ୟ ବା ଚିରସ୍ଥାୟୀ ବସ୍ତୁ ଏକମାତ୍ର ଭଗବାନ । ଭଗବାନଙ୍କୁ ଖୋଜାଯାଏ ନିରବତା ମାଧମରେ । ନିରବପର ଗଭୀରତମ ପ୍ରଦେଶରେ ଭଗବାନଙ୍କ କଣ୍ଠସ୍ୱର ଶୁଣାଯାଇଥାଏ । ତାଙ୍କ ନିର୍ଦ୍ଦେଶ ମିଳିଥାଏ । ସେ ଯେହେତୁ ସମସ୍ତ ସୁଖର ଗନ୍ତାଘର ତାଙ୍କୁ ଜୀବନର କେନ୍ଦ୍ର କରିପାରିଲେ ପ୍ରକୃତ ସୁଖ, ଶାଶ୍ୱତ ସୁଖ ଓଝ ଜନ୍ମଜନ୍ମାନ୍ତରର ସୁଖ ପ୍ରାପ୍ତ ହେବାର ଆଶା ସୃଷ୍ଟି ନିଶ୍ଚିତ ହୋଇଯାଏ।

ଭଗବାନ ଶ୍ରୀସତ୍ୟସାଇ ବାବା କହନ୍ତି, କାମନାବାସନା ହିଁ ଦୁଃଖର କାରଣ । ସେଗୁଡ଼ିକୁ କମାଇ ପାରିଲେ ଦୁଃଖ ହ୍ରାସ ପାଇବ ଓ ସୁଖାନୁଭୂତି ଲାଭ ହେବ । ମଣିଷର ଯାହା ଆବଶ୍ୟକତା ତାହା ପୂରଣ ହେବ ଦରକାର ସେଥିପାଇଁ ଚେଷ୍ଟା କରିବା ଦରକାର । କିନ୍ତୁ କାମନାବାସନା ଜନିତ ବା ଲୋଭର ବଶବର୍ତ୍ତୀ ହୋଇ ମଣିଷ ଯାହାସବୁ କରିବସେ ତାହାର ଫଳ ସମସ୍ତଙ୍କୁ ଜଣା ତାହା ସବୁ ସୁଖ ନିର୍ବାପକ ବ୍ୟବସ୍ଥା । ଭଗବାନ ବାବାଙ୍କ ଅନ୍ୟତମ ଶିକ୍ଷା ହେଉଛି 'ଅନ୍ୟକୁ ସୁଖ ଦେଇପାରିଲେ ମଣିଷ ନିଜେ ସୁଖ ପାଇପାରିବ । ଏହା ପୁରାପୁରି ଠିକ୍ କଥା । ଆମ ଶାସ୍ତ୍ରମାନେ କହିଛନ୍ତି ଯାହା ଦେଇଥିବ ତାହାହିଁ ପାଇବ । ଅନ୍ୟ ଅର୍ଥରେ ଆମର ଯାହା ଦରକାର ତାହା ଅନ୍ୟକୁ ଦେଲେ ଆମେ ପାଇଥାଉ । ଯଦି ସୁଖ ପାଇବାର ଆମର ଲକ୍ଷ୍ୟ ତେବେ ଅନ୍ୟକୁ ସୁଖ ଦେବା ହିଁ ଏକ ନିଶ୍ଚିତ ମାର୍ଗ । ଦେବାକୁ ହେବ ସବୁକଥା ଆମ ଶକ୍ତି ବା କ୍ଷମତା ଭିତରେ ରହିବା ଉଚିତ । ଅନ୍ୟଜଣେ ସୁଖି ହେବାକୁ ଯଦି ଲକ୍ଷ ଲକ୍ଷ ଟଙ୍କା ମାଗୁଥାଏ, କେତେଜଣ ତାହା କରିପାରିବେ ? ବାବାଙ୍କ ଭାଷାରେ ପରୋପକାର ମାଧମରେ ଜଣେ ସୁଖି ହୋଇପାରେ । ପରର ଆତ୍ମା ସନ୍ତୁଷ୍ଟ ହେଲେ ପରମାତ୍ମା ସନ୍ତୁଷ୍ଟ । ସେଥିପାଇଁ ଦରକାର ସନ୍ତୁଷ୍ଟ ବ୍ୟବହାର ଓ ମୂଲ୍ୟବାନ ପରାମର୍ଶ । ଅସହାୟ ବ୍ୟକ୍ତି ଲୋଡୁଥିବା ସେବା ସହାୟତା ପରର ଆତ୍ମାକୁ ତୃପ୍ତି ଦେଇଥାଏ । ଏହି କର୍ମରେ ନିୟୋଜିତ ହେବାକୁ ହେଲେ ସେବାକୁ ସାମାନ୍ୟ ଅଧିକ ନିଃସ୍ୱାର୍ଥପର ହେବାକୁ ପଡ଼ିଥାଏ । ନିଜ ସୁଖ କମାଇ ଅନ୍ୟର ସୁଖପାଇଁ ବ୍ୟବସ୍ଥା କରିବାରେ ପ୍ରକୃତ ସୁଖ ନିହିତ । ମହାପୁରୁଷମାନେ ସମ୍ପୂର୍ଣ୍ଣ ନିଃସ୍ୱାର୍ଥ ଜୀବନ ଯାପନ କରନ୍ତି ଏବଂ ତାଙ୍କ ସମ୍ବଳ ଉପଯୋଗ କରି ଦରିଦ୍ର ଅସହାୟ ମାନଙ୍କ ସେବା କରି ସୁଖ ଓ ଆନନ୍ଦ ପାଇଥାନ୍ତି।

ଅନ୍ୟ ଏକ ମାର୍ଗ ଅଛି ଅବଶ୍ୟ ସଦାସର୍ବଦା ସନ୍ତୁଷ୍ଟ ରହିବାରେ ସୁଖ ଥାଏ । ଯାହାକୁ ଯାହା ମିଳିଛି ସେଥିରେ ଅସନ୍ତୁଷ୍ଟ ନ ହୋଇ ନିଜ କର୍ମକୁ ଦୋଷାରୋପ ନକରି, ଅନ୍ୟମାନଙ୍କ ସୌଭାଗ୍ୟ ସହ ନିଜ ଅବସ୍ଥାକୁ ତୁଳନା ନକରି, ଯାହା ମିଳିଛି ତାହାକୁ ଭଗବାନଙ୍କ ଉପହାର ମନେକରି ଯିଏ ସନ୍ତୁଷ୍ଟ ରହିପାରେ ସେ ସୁଖି ହୁଏ । ଅବଶ୍ୟ ଯାହା ମିଳିଛି ସେଥିରେ ସନ୍ତୁଷ୍ଟ ହୋଇ କୌଣସି ପରିଶ୍ରମ ନକରିବା, ଆଳସ୍ୟରେ ଜୀବନ ବିତାଇବା ଦ୍ୱାରା ଭଗବାନଙ୍କ ମୂଳ ଉପହାରକୁ ବଞ୍ଚାଇ ପାରିବାନାହିଁ । କର୍ମକୁ ହେଳା କରିବା, କର୍ମର ମହତ୍ତ୍ୱ ନ ବୁଝିବା, ଜୀବନ ଓ କର୍ମ ମଧରେ ଥିବା ସମ୍ପର୍କକୁ ମର୍ଯ୍ୟାଦା ନଦେବା ଠିକ୍ ନୁହେଁ । ସୁଖ ପାଇବା ଦିଗରେ ଇନ୍ଦ୍ରିୟ ସଂଯମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ନୈତିକ ଜୀବନ ବିନା ସୁଖ ସୁଦୂର ପରାହତ ହୋଇଯିବ । ଭଗବାନ ଶ୍ରୀସତ୍ୟସାଇ ବାବା କହନ୍ତି କୌଣସି ପଦାର୍ଥର ଅପଚୟ ମଣିଷକୁ ସୁଖ ଦେଇପାରିବ ନାହିଁ । ତେଣୁ କିଛି ବି ଅପଚୟ କରନାହିଁ । ବିଶେଷକରି, ଖାଦ୍ୟ, ଧନ, ସମୟ ଓ ଶକ୍ତି କେବେହେଲେ ନଷ୍ଟ ହେବା ଉଚିତ ନୁହେଁ । ବର୍ତ୍ତମାନ ସୁଖରେ ଥିବା ବ୍ୟକ୍ତି ଯଦି ଏଗୁଡ଼ିକର ଅପଚୟ କରେ ତେବେ ସେ ଅବିଳମ୍ବେ ଅସୁଖି ହୋଇଯିବ । ଏହାର ସଦ୍‌ବ୍ୟବହାରରେ ହିଁ ସୁଖ ଏଗୁଡ଼ିକ ନଷ୍ଟ ହେବା ଅର୍ଥ ନିଜର ସୁଖ ନଷ୍ଟ ହେବା ।

ସୁଖର ସଂଜ୍ଞା ଦେବାକୁ ଯାଇ ଭଗବାନ ବାବା କହନ୍ତି 'ଭଗବାନଙ୍କ ସହ ସଂଯୁକ୍ତ ହେବା ହିଁ ସୁଖ' । ଏହା ସାଧାରଣ ଲୋକଙ୍କ ପକ୍ଷେ ସମ୍ଭବ ନୁହେଁ, ସାଧକ ମାନଙ୍କ ପକ୍ଷେ ବି କଷ୍ଟକର । ତଥାପି ସଫଳତାର ଆଶା ଅଛି । ଭଗବାନଙ୍କ ସହ ସଂଯୁକ୍ତ ହେବାର ମାର୍ଗରେ ଚାଲିଲେ ଯଥେଷ୍ଟ, ପରିଶେଷରେ ତାହା ଆମକୁ ନେଇ ଗନ୍ତବ୍ୟ ଲକ୍ଷରେ ପହଞ୍ଚାଇ ଦେବ । ସେ ମାର୍ଗରେ ଥିବା ବିଭିନ୍ନ ସୋପାନ ଗୁଡ଼ିକ ନବଧାଭକ୍ତି । ମୁଖ୍ୟତଃ ଭଜନ, କୀର୍ତ୍ତନ, ଦାସ୍ୟଭାବ, ସେବକ ଭାବେ ଜୀବନ ଯାପନକରୁ କରୁ ସାଧାରଣ ବ୍ୟକ୍ତି ସାଧକ ପାଲଟି ଯିବ ଓ ସାଧକ ମୁମୁକ୍ଷୁ ଓ ମୁମୁକ୍ଷୁ ଜୀବନର ଲକ୍ଷ ସୁଖଶାନ୍ତି ପ୍ରାପ୍ତି ହୋଇପାରିବ ।


ଦୂରଭାଷ : ୯୩୩୭୨୪୨୯୫୫


# ଶ୍ରୀମନ୍ଦିରର ରୋଷଘର ଓ କୋଠଭୋଗ

॥ ଡକ୍ଟର ରାଜକିଶୋର ମିଶ୍ର ॥

ମହାପ୍ରସାଦର ଉତ୍ପତ୍ତିସ୍ଥଳ ଶ୍ରୀମନ୍ଦିରର ପବିତ୍ର ରୋଷଘର । ଶ୍ରୀମନ୍ଦିର ପରିସରର ଦକ୍ଷିଣପୂର୍ବ କୋଣରେ, ଭିତରବେଢ଼ା ଏବଂ ବାହାରବେଢ଼ାର ମଧବର୍ତ୍ତୀ ସ୍ଥାନରେ ପ୍ରାୟ ୧୫୦ଫୁଟ ଦୀର୍ଘ ଓ ୧୦୦ଫୁଟ ପ୍ରସ୍ଥ ବିଶିଷ୍ଟ ରୋଷଘର ଅବସ୍ଥିତ । ରୋଷଘରଟି ତିନିଗୋଟି ବଖରାରେ ବିଭକ୍ତ । ୧୦ଟି ଧୂଆଁନଳା ଥିବା ଏହି ପାକଶାଳାଟି ମାଙ୍କଡାପଥରରେ ନିର୍ମିତ । ୬୦୦ରୁ ଅଧିକ ସୁଆର ଓ ସେମାନଙ୍କ ପ୍ରାୟ ୪୦୦ ସହକାରୀ ପ୍ରତିଦିନ ରୋଷଘରେ କାମ କରନ୍ତି । ବିଗ୍ରହମାନଙ୍କୁ ଅର୍ପଣ ହେଉଥିବା ଭୋଗଦ୍ରବ୍ୟ ଗୁଡ଼ିକ ପ୍ରସ୍ତୁତି ହେବା ପାଇଁ ରହିଛି ତିନିପ୍ରକାର ଚୁଲି, ଯାହା ଅନ୍ନଚୁଲି, ଅହିଆ ପିଠାଚୁଲି ନାମରେ ପରିଚିତ । ରୋଷଶାଳାରେ ପ୍ରବେଶ କରିବାର ଅଧିକାର ଓ ରାନ୍ଧିବା ଅଧିକାର କେବଳ ସୁଆରମାନଙ୍କର ହିଁ ରହିଛି । ସମସ୍ତ ଚୁଲିରେ ବଂଶାନୁକ୍ରମେ ସେଇମାନେ ହିଁ ପ୍ରସାଦ ପାକ କରନ୍ତି । କିମ୍ବଦନ୍ତୀ କହେ ଯେ, ସୁଆରମାନେ ବ୍ରାହ୍ମଣ ବିଦ୍ୟାପତି ଓ ଶବର ଲଳିତାଙ୍କ ବଂଶଧର । ରୋଷଶାଳା ଚଟାଣ ଉପରେ ପ୍ରାୟ ୪ଫୁଟ ଉଚ୍ଚ ଓ ଦୁଇଫୁଟ ପ୍ରସ୍ଥ ବିଶିଷ୍ଟ ଲମ୍ବା ଲମ୍ବା ମାଟିର ପ୍ଲାଟଫର୍ମ ରହିଛି । ଏହି ପ୍ଲାଟଫର୍ମ ଉପରେ ଧାଡ଼ି ଧାଡ଼ି ହୋଇ ରହିଛି ଚୁଲିସବୁ । ସବୁଠାରୁ ଅଧବକା ରହିଛି ଅନ୍ନଚୁଲି (ଏକଶହରୁ ଉର୍ଦ୍ଧ୍ୱ), ଯେଉଁଥିରେ ଅନ୍ନ, ଖେଚୁଡ଼ି, କନିକା ପ୍ରଭୃତି ରନ୍ଧାଯାଏ । ପ୍ରତି ଅନ୍ନଚୁଲିରେ ଏକାଥରକେ ୯ଟି ଅନ୍ନହାଣ୍ଡି ବସି ରନ୍ଧାଯାଏ । ଡାଲି, ତରକାରୀ, ଶାଗ, ବେସର, ମହୁର, ଖଟା ପ୍ରଭୃତି ରନ୍ଧା ଯାଉଥିବା ଅହିଆଚୁଲିର ସଂଖ୍ୟା ପ୍ରାୟ ଏକଶତ ଏବଂ ପିଠା ପ୍ରସ୍ତୁତ କରିବା ପାଇଁ ରହିଛି ୧୦ଟି ପିଠା ଚୁଲି । କାଠ ହିଁ ମନ୍ଦିର ରୋଷଶାଳାର ଏକମାତ୍ର ଇନ୍ଧନ । କୋଇଲା, ଗ୍ୟାସ୍ ବା ବିଦ୍ୟୁତ୍‌ଶକ୍ତି ରନ୍ଧାଶାଳାରେ ଗ୍ରହଣୀୟ ନୁହେଁ । ରୋଷଘରର ଅଧିଷ୍ଠାତ୍ରୀ ଦେବୀ ମା' ଲକ୍ଷ୍ମୀଙ୍କର ଗୋଟିଏ ପଥର ମୂର୍ତ୍ତି ମଧ ରହିଛି ରୋଷଶାଳା ରାସ୍ତାରେ । ରୋଷଘର ଦ୍ୱାରରେ ପୁଣି ରୋଷଗଣେଷଙ୍କର ଆସ୍ଥାନ । ସୁଆରମାନେ ତାଙ୍କ ସେବାରେ ନିୟୋଜିତ । କୋଠଭୋଗ ରୋଷରେ ଶ୍ରୀମନ୍ଦିରର କୋଠଭୋଗ ରନ୍ଧାଯାଏ । କୋଠଭୋଗ ପାଇଁ ଏକ 'ସରଘର' ରହିଛି । ଯେଉଁଠାରେ କି କୋଠଭୋଗ 'ଅମୁଣିଆ' (ଅର୍ଥାତ୍ ତିଆରି ହୋଇଥିବା ମାତ୍ର ଭୋଗ ଲାଗି ନଥିବା) ରଖାଯାଏ ।

ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ବର୍ତ୍ତମାନର ଶ୍ରୀଜଗନ୍ନାଥ ମନ୍ଦିର ଉତ୍କଳୀୟ ଭାସ୍କର୍ଯ୍ୟ ତଥା କଳା ନୈପୁଣ୍ୟର ଏକ ଅନବଦ୍ୟ କୃତି । ରହସ୍ୟମୟ ଶ୍ରୀଜଗନ୍ନାଥଙ୍କ ରୀତି, ନୀତି, ବେଶ, ଭୋଗ, ଯାନିଯାତ୍ରା ସବୁଥରେ ଏକ ସ୍ୱାତନ୍ତ୍ର୍ୟ ରହିଅଛି । ସମଗ୍ର ଭାରତବର୍ଷରେ ଏପରି କୌଣସି ନୀତି ବହୁଳ ମନ୍ଦିର ନାହିଁ, ଯାହାକି, ଶ୍ରୀମନ୍ଦିର ସହିତ ତୁଳନୀୟ ହୋଇପାରିବ । ଶ୍ରୀଜୀଉଙ୍କ ରାଜଭୋଗ ବା କୋଠଭୋଗର ସମସ୍ତ ଖର୍ଚ୍ଚ ଶ୍ରୀମନ୍ଦିର ପ୍ରଶାସନ ବହନ କରିଥାଏ । ଦୈନନ୍ଦିନ କୋଠ ଭୋଗ ସାମଗ୍ରୀ ମଧରେ ଥାଳି ଚାଉଳ-୫୮ କି.ଗ୍ରା.୮୪୦ ଗ୍ରାମ୍, ଚୁନା ଚାଉଳ-୨୯ କି.ଗ୍ରା. ୬୫୦ଗ୍ରାମ୍, ମୁଗ-୭କି.ଗ୍ରା. ୨୫୦ ଗ୍ରାମ୍, ଖିସ୍‌ମିସ୍ - ୫୦ଗ୍ରାମ୍, ବିରି-୧୮କି.ଗ୍ରା, ଓମ୍‌ଫେଡ୍ ଘିଅ - ୨୯ କି.ଗ୍ରା. ୯୦୬ଗ୍ରାମ୍, ଗୁଡ଼ - ୨୮ କି.ଗ୍ରା. ୭୯୨ ଗ୍ରାମ୍, ଚିନି - ୨୦ କି.ଗ୍ରା. ୯୬୨ ଗ୍ରାମ୍, ଅଟା - ୨୫ କି.ଗ୍ରା, ସୁଜି-୬୦୦ ଗ୍ରାମ୍, ବେସନ - ୩୦୦ଗ୍ରାମ୍, ଜୀରା - ୧୫୦ ଗ୍ରାମ୍, ମରିଚ-୭୫ଗ୍ରାମ୍, ଅଳେଇଚ - ୧୧୫ ଗ୍ରାମ୍, ଲୁଣ - ୨ କି.ଗ୍ରା. ୫୦୦ ଗ୍ରାମ୍, ରାଶିତେଲ - ୫୦ ଗ୍ରାମ୍, ହଳଦୀ- ୫୦ ଗ୍ରାମ୍, ମଧୁରୀ - ୭୫ ଗ୍ରାମ୍, ହରଡ଼ଡାଲି - ୧କି.ଗ୍ରା., ଡାଳଚିନି - ୫୦ ଗ୍ରାମ୍, ଲବଙ୍ଗ - ୧୦ ଗ୍ରାମ୍, ହେଙ୍ଗୁ - ୧୦ ଗ୍ରାମ୍, ଜାଇଫଳ - ୧୨ ଗ୍ରାମ୍, ଲିଆ - ୫ ଗଉଣି ବା ୨ କି.ଗ୍ରା., ନଡ଼ିଆ (ବଲ୍ଲଭ ନିମନ୍ତେ) - ୧୨ଟା, କୋଠଭୋଗ (ନଡ଼ିଆ) - ୪ଟା, ପରିବା ମଧରେ କଖାରୁ - ୨ କି.ଗ୍ରା. ୫୦୦ ଗ୍ରାମ୍, ବାଇଗଣ - ୨ କି.ଗ୍ରା., ପୋଟଳ - ୨୫୦ ଗ୍ରାମ୍, ଅଦା - ୩୦୦ ଗ୍ରାମ୍, ଦେଶୀଆଳୁ - ୨୫୦ ଗ୍ରାମ୍, କଦଳୀ- ୧୨ଟା, ଶାଗ - ୨ ବିଡ଼ା, ତେନ୍ତୁଳୀ - ୧୦୦ ଗ୍ରାମ୍ ।

ଏତଦ୍ ବ୍ୟତୀତ ଶ୍ରୀଜୀଉମାନଙ୍କ ଦୈନନ୍ଦିନ କୋଠଭୋଗ ତଥା ବିଭିନ୍ନ ନୀତି ମାନଙ୍କରେ ଯେଉଁ ମାଟି ନିର୍ମିତ ପାତ୍ରର ଆବଶ୍ୟକ ହୋଇଥାଏ, ତାହା ହେଲା ଆଳି କୁଡୁଆ - ୪୦ଟି, ଅଙ୍ଗବାସ ଓଳି - ୧୯୫ଟି, ତାଡ଼-୬ଟି, ଟିପେଇ ହାଣ୍ଡି - ୨୧ଟି, ପାହାନ୍ତି - ୨ଟି, ଅଧା - ୧ଟି, ସାନ ପୁଳି - ୮୧ଟି, ପୁଳିସରା - ୨୪ଟି, ପାଳିସରା - ୬୦ ଟି, ବଡ଼ା - ୬୦ଟି, କଟା ସରା - ୧୪ଟି, ନମାଳି - ୨୪ଟି । ପ୍ରତ୍ୟେହ ତଥା ବିଶେଷ ପର୍ବପର୍ବାଣୀ ଦିନମାନଙ୍କରେ ଏକ ସ୍ୱତନ୍ତ୍ର ଶୈଳୀରେ ମହାସୁଆର ମାନଙ୍କ ଦ୍ୱାରା ଅନେକ ପ୍ରକାର ସୁମିଷ୍ଟପିଷ୍ଟକ, ଅନ୍ନ, ବ୍ୟଞ୍ଜନାଦି ପ୍ରସ୍ତୁତ ହୋଇ ଉତ୍କଳର ପରମ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନୈବେଦ୍ୟ ହେଉଅଛି । ଯାହାକି ଦୀର୍ଘ ଶହ ଶହ ବର୍ଷର ପରମ୍ପରାକୁ ଉଜ୍ଜୀବିତ କରିଆସୁଅଛି ।


ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ,
ଦୂରଭାଷ : ୭୦୦୮୧୮୧୮୨୦

# ପୁନର୍ବାର ୨ୟ ଥର ପାଇଁ ହେଲେ ବିଜେପିର ମଣ୍ଡଳ ସଭାପତି କିଟୁ ପଣ୍ଡା



ଅନୁଗୋଳ,(ମହାଭାରତ):ପୁନର୍ବାର ୨ୟ ଥର ପାଇଁ ହେଲେ ମଣ୍ଡଳ ସଭାପତି କିଟୁ ପଣ୍ଡା। ବଁଅରପାଳ ବ୍ଲକ ଅନ୍ତର୍ଗତ ବଁଅରପାଳ ମଣ୍ଡଳର ନୂତନ ସଭାପତି ଭାବେ କୀଟୁ ପଣ୍ଡାଙ୍କୁ ନିଯୁକ୍ତ ଦିଆ ଯାଇଛି। ବିଜେପିର ସାଂଗଠନିକ ର୍ନିବାଚନ ପ୍ରକ୍ରିୟା ଚଳିଥିବା ବେଳେ ଏହି ପଦବୀଟି ଅନୁମୋଦନ କରାଯାଇଛି। ବଁଅରପାଳ ଅଞ୍ଚଳର ବିଭିଭ ପଦ ପଦବୀରେ ଆଗରୁ କାର୍ଯ୍ୟ କରି ଆସୁଛନ୍ତି। ଆଗରୁ ଥରେ ମଧ ଏହି ପଦବୀ ତୁଲାଇ ଆସିଛନ୍ତି। ଏହି ପଦବୀ ପାଇବା ପରେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ସାଧୁବାଦ୍ ଜଣେଇବା ସହ କୃତଜ୍ଞତା ଜଣାଇଛନ୍ତି। ଆଉ ମଧ କହିଛନ୍ତି ବଁଅରପାଳରେ ଶୌଚାଳୟ, ନୂତନ ଦୋକାନ ଘର ଓ ପାଞ୍ଚଗଡ ଅଞ୍ଚଳର ସମସ୍ତ ଅଧୁରା କାମକୁ ପୁରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅଶୋକ ଧୀର, ଚପ୍ଲିନ ସାହୁ, ପ୍ଲା□ ଗଡନାୟକ୍, ମହେନ୍ଦ୍ର ଦଳ ବେହେରା, ଗୋକୁଳା ନନ୍ଦ ଲେଙ୍କା, ଅର୍ଜୁନ କୁମାର ଗଡନାୟକ, ଅନାମ ଚରଣ ସାହୁ, କୁମୁର ନାଏକ, ମନୋଜ କୁମାର ସାହୁ, ଅନିଲ ସାହୁ, ନିରଞ୍ଜନ ସାହୁ, ସାଗର ବିଶ୍ୱାଳ, ସନ୍ତୋଷ ଭୂତିଆ, ପ୍ରଦ୍ୟୁମ୍ନ ବେହେରା, ସୁଶିଲ ମାଝୀ, ରାଜେନ୍ଦ୍ର ପ୍ରଧାନ, ସିରି ଗଡ଼ନାୟକ, ଦିଗାମ୍ବର ସାହୁ, ପୁଷ୍ପାଣୁ ପୃଷ୍ଟି, ପପୁ ଅମାନ୍ତ, ଜିତୁ ନାଏକ, ବିକ୍ରମ ନାଏକ, ପପୁ ନାଏକ, ଅନି ନାଏକ, ଅନିଲ ନାଏକ, ବିଜେପି ଯୁବ ନେତା ଦିବ୍ୟ ରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଝୁଲନ୍ତା ଅବସ୍ଥାରେ ନାଲକୋ କର୍ମଚାରୀ ଙ୍କ ମୃତ୍ୟୁ , ହତ୍ୟା ନା ଆତ୍ମହତ୍ୟା ସନ୍ଦେହ



ବଁଅରପାଳ,(ମହାଭାରତ):ଅନୁଗୋଳ ଜିଲ୍ଲା ନାଲକୋ ଥାନା ଅନ୍ତର୍ଗତ କଇଁଫୁଲିଆ ସାହି ର ଏକ ପୋଖରୀ ହୁଡ଼ା ରେ ଜଣେ ଯୁବକ ଙ୍କ ଝୁଲନ୍ତା ମୃତ ଦେହ ନାଲକୋ ପୋଲିସ ଦ୍ୱାରା ଉଦ୍ଧାର କରାଯାଇଛି । ସଂପୂର୍ଣ୍ଣ ଘଟଣାଟି ହେଲା ନାଲକୋ ଥାନା ଅନ୍ତର୍ଗତ ବଳରାମ ପ୍ରସାଦ ଗ୍ରାମ କଇଁଫୁଲିଆ ସାହି ର ମଙ୍ଗୁଲୁ ଦଳେଇ ଙ୍କ ପୁଅ ବାବୁଲା ଦଳେଇ କୁରୁମ ଗାଡ଼ିଆ ପୋଖରୀ ନିକଟରେ ଥିବା ଏକ ବର ଓହଳ ରେ ଗାମୁଛା କୁ ବେକରେ ଗୋଡ଼ାଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ଅବସ୍ଥାରୁ ପରିଲକ୍ଷିତ ହେଉଛି । ସେ ସ୍ମେଲଟର୍ କାରଖାନା ର କର୍ମଚାରୀ ଥିଲେ ତେଣୁ ଗତ କାଲି କାରଖାନା ଯାଇ ଆଉଟ୍ ପାସ୍ କରି ଘର କୁ ଆସିବା ପରେ ସନ୍ଧ୍ୟା ସମୟରେ ଆଉ ଫେରି ନଥିଲେ ।ଆଜି ସକାଳ ସମୟରେ କିଛି ଗାଁ ଲୋକେ ପୋଖରୀ ଆଡ଼କୁ ଶୌଚ ପାଇଁ ଯାଇଥିବା ସମୟରେ ବାବୁଲା ଦଳେଇ ଙ୍କ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ , ବାବୁଲା ନାଲକୋ ର ଡିୟୁଟି ପୋଷାକ ପିନ୍ଧିଥିବା ବେଳେ ସେଠାରେ ତାଙ୍କର ମୋବାଇଲ ଓ ଗାଡ଼ି ମଧ ଥିବା ଦେଖିବାକୁ ମିଳିଥିଲା । ପରେ ତାଙ୍କ ସ୍ତ୍ରୀ ଙ୍କୁ ଖବର ଦେବା ସହିତ ତାଙ୍କ ସ୍ତ୍ରୀ ପରିବାର ଲୋକଙ୍କ ସହିତ ସେଠାରେ ପହଞ୍ଚିଥିଲେ , ନାଲକୋ ପୋଲିସ କୁ ଖବର ଦେବା ପରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ମୃତଦେହ ଓହ୍ଲାଇବା ସହିତ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି । ତେବେ ପାରିପାର୍ଶିକ ସ୍ଥିତି କୁ ଅନୁମାନ କଲେ ଜଣାପଡୁଛି କି ଏହା ହତ୍ୟା ହୋଇଥାଇ ପାରେ ବୋଲି ଅନୁମାନ କରାଯାଉଥିବା ଲୋକ ମାନେ କହୁଛନ୍ତି।

# ୪୮୫୦ ଲିଟର ପୋଚ ନଷ୍ଟ ସହ ୩୪୦ ଲିଟର ଦେଶୀ ମଦ ଜବତ



ଆସିକା(ମହାଭାରତ) ଗଞ୍ଜାମ ଜିଲ୍ଲା ଅବକାରି ଅଧିକ୍ଷକ ଙ୍କ ନିର୍ଦ୍ଦେଶ କ୍ରମେ ଆସିକା ଅବକାରୀ ବିଭାଗ ଓ ଛତ୍ରପୁର ଷ୍ଟ୍ରାଇକିଙ୍ଗ ଫୋର୍ସ ଅଧିକାରୀ ସ୍ୱାଧୀନ ସାହୁ ଙ୍କ ନେତୃତ୍ୱରେ ଏକ ଟିମ ମିଳିତ ଭାବେ ଚଢ଼ାଉ କରି ବାଲିସିରା ଅ□ଳରୁ ୪୮୫୦ ଲିଟର ପୋଚ ନଷ୍ଟ କରିବା ସହ ୩୪୦ ଲିଟର ଦେଶୀ ମଦ ଜବତ କରାଯାଇଛି । ଆଜିର ଏହି ଚଢ଼ାଉ ରେ ଅବକାରୀ ଅଧିକାରୀ ଡମ୍ବୁରୁ ଧର ହରିଜନ, ରାକେଶ ଖୁଣ୍ଟିଆ, ଷ୍ଟ୍ରାଇକିଙ୍ଗ ଫୋର୍ସ, ଆସ୍କା ରେଞ୍ଜ, ଆସ୍କା ଅବକାରୀ ଟିମ ଉପସ୍ଥିତ ଥିଲେ। ଗତକାଲି ୧୪୦୦ଲିଟର ପୋଚ ନଷ୍ଟଓ ୪୯୮ଲିଟର ଜବତ କରିଥିବା ବେଳେ ଆଜିର ଏହି ଚଢ଼ାଉରେ ଦେଶୀ ମଦ ବେପାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଗଲାଣି।

# ଡ଼ାଲୁଅ ଧାନ ଚାଷରେ ଗଜା ମରୁଡ଼ି ନେଇ ଚିନ୍ତାରେ ଚାଷୀ

## କ୍ଷେତ୍ର ପରିଦର୍ଶନରେ ଆସୁନାହାନ୍ତି କୃଷି ଅଧିକାରୀ



ଦଶରଥପୁର (ମହାଭାରତ ): ଦଶରଥପୁର ବ୍ଲକ ଅଧିନ କୟାଁ, କମାରଡ଼ିହି, ଖାନନଗର, ନିଜାମପୁର, ଦଉପୁର, ଥାଲକୁଡ଼ି, ଦୁଦୁରାଅନ୍ତା ଓ ବିରିପଟା ଆଦି ପଞ୍ଚାୟତ ଗୁଡିକ ବନ୍ୟା ପ୍ଲାବିତ ପଞ୍ଚାୟତ ହୋଇଥିବାରୁ ଏହି ପଞ୍ଚାୟତ ଗୁଡିକରେ ଶାରଦ ଧାନ ଚାଷ ହୋଇନଥାଏ ଏହି ଅଞ୍ଚଳର ଚାଷୀ ମାନେ ମୁଖ୍ୟତ ଡ଼ାଲୁଅ (ଟାଇଚୀନ ) ଚାଷ ଉପରେ ର୍ନିଭର କରି ନିଜର ଗୁଜୁରାଣ ମେଣ୍ଟାଇ ଥାନ୍ତି ବର୍ତ୍ତମାନ ଡ଼ାଲୁଅ ଚାଷ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଅଛରା ଓ ରୁଆ ପୋତା କାର୍ଯ୍ୟ ଆରମ୍ଭ ହୋଇଛି ଡ଼ାଲୁଅ ଚାଷ ପାଇଁ ମୁଖ୍ୟତ କାବେରୀ, ମମତା, ଦବଙ୍ଗ, ୧୦୦୧, ପ୍ରତାପ, ସିଗନେଟ ଆଦି ବିହନ ବ୍ୟବହାର କରାଯାଉଛି ଶାରଦ ଧାନ ଚାଷ ତୁଳନାରେ ଡ଼ାଲୁଅ ଚାଷ ଏକ ବ୍ୟୟ ବହୁଳ ଚାଷ ହୋଇଥିବାରୁ ଚାଷୀ ମାନେ ଚାଷ କାର୍ଯ୍ୟ ପାଇଁ ଘରୋଇ ମହାଜନ ମାନଙ୍କ ଉପରେ ର୍ନିଭର କରିଥାନ୍ତି ମହାଜନ ମାନଙ୍କ ଠାରୁ ବିହନ,ସାର, ବିଷ ଓ ଆବଶ୍ୟକତା ଅନୁଯାଇ ଟଙ୍କା ଆଣି ଏହି ଅଞ୍ଚଳର ଚାଷୀ ମାନେ ଡ଼ାଲୁଅ ଚାଷ କାର୍ଯ୍ୟ କରିଥାନ୍ତି ମାତ୍ର ବର୍ତମାନ ଚାଷ କାର୍ଯ୍ୟ ଜୋର ସୋରରେ ଚାଲୁଥିବା ବେଳେ ହଳ କାର୍ଯ୍ୟ ସାରି ଚାଷୀ ମାନେ ଅଛରା କାର୍ଯ୍ୟ କରୁଛନ୍ତି । ମାତ୍ର ଅଛରା ସମୟରେ ଯେଉଁ ପରିମାଣରେ ବିହନ ଚାଷୀ ମାନେ ଚାଷ କ୍ଷେତରେ ପକାଉଛନ୍ତି। ସେ ପରିମାଣରେ ଧାନ ଗଛ ଉଠୁ ନଥିବାରୁ ଚାଷୀ ମାନେ ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ଯାହାକୁ ନେଇ ଏବେ ଏହି ଅଞ୍ଚଳର ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି ବିହନ ଗଜା ମରୁଡ଼ି ହେବା ଫଳରେ ଚଳିତବର୍ଷ ଡ଼ାଲୁଅ ଚାଷୀ ମାନେ ବହୁ ପରିମାଣରେ କ୍ଷତି ଗ୍ରସ୍ତ ହେବେ ବୋଲି କୃଷକ ନେତା ବାଇଧର ଯେନା, ଚୌଧୁରୀ ଯେନା, ମଳୟ କୁମାର ପଣ୍ଡା, ପ୍ରିୟବ୍ରତ ବିଶ୍ୱାଳ, ଟୁନା ବିଶ୍ୱାଳ, ଭାଗିରଥି ସାହୁ, ବିଜୟ ପାତ୍ର, ଆନନ୍ଦ ଚନ୍ଦ୍ର ବାରିକ, ଦୀପକ ବାରିକ, ଚି□ରଞ୍ଜନ ନାୟକ,ବିରଜା ମଲ୍ଲିକ, ଚଉବନ ବାରିକ ପ୍ରମୁଖ ଅଭିଯୋଗ କରିଛନ୍ତି । କେଉଁ କାରଣରୁ ବିହନ ଗଜା ମରୁଛି ତାହା ସ୍ପଷ୍ଟ ଜଣା ପଡ଼ିନଥିଲେ ମଧ ଆଜି ପର୍ଯ୍ୟନ୍ତ କୃଷି ବିଭାଗର କୌଣସି ଅଧିକାରୀ ତଦନ୍ତରେ ଆସିନଥିବାରୁ ଚାଷୀ ମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏପରି ଭାବେ ଗଜା ମରୁଡି ହେଲେ ଅନେକ ଚାଷୀ ମହାଜନ ଠାରୁ ଆଣିଥିବା ବାକି ସୁଝି ନପାରି ବହୁଅସୁବିଧାର ସମ୍ମୁଖୀନ ହେବେ ବୋଲି ଜଣା ପଡିଛି ଚଳିତ ବର୍ଷ ଏହି ଅ□ଳରେ ବନ୍ୟା। ହୋଇନଥିବାରୁ ଏଭଳି ଗଜା ମରୁଡି ହେଉଛି ବୋଲି ଅନେକ ଚାଷୀ କହୁଥିବା ବେଳେ ଅଧିକ ଶୀତ ପାଇଁ ଏମିତି ହେଉଛି ବୋଲି ମଧ ଅନେକ ଚାଷୀ କହିଛନ୍ତି । ତେଣୁ ଏଥିପାଇଁ କୃଷି ବିଭାଗ ପକ୍ଷରୁ ତଦନ୍ତ କରାଯାଇ କେଉଁ କାରଣରୁ ଗଜା ମରୁଡି ହେଉଛି ତାହା ସ୍ପଷ୍ଟ କରିବା ସହ କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ ଖୁବ ଶୀଘ୍ର ସରକାରୀ ସହାୟତା ଯୋଗେଇ ଦେବାକୁ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଚାଷୀ ମାନଙ୍କ ପକ୍ଷରୁ ଦାବି ହୋଇଛି।

# ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ କଲେଜ ର ବୟାଳିଶି ତମ ବାର୍ଷିକ କ୍ରୀଡା ଉଦଯାପିତ ହେଇଯାଇଛି



ଜୁନାଗଡ଼ (ମହାଭାରତ)ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ କଲେଜ ର ବୟାଳିଶି ତମ ବାର୍ଷିକ କ୍ରୀଡା ଉଦଯାପିତ ହେଇଯାଇଛି । ଉଦ୍ଘାଟନୀ ଉତ୍ସବରେ ଶ୍ରୀମତୀ ସାଗରିକା ଦାସ ପ୍ରାଧାପିକା ବିଭାଗୀୟ ମୁଖ୍ୟ ଏତିହାସ ବିଭାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ସଭାରେ ଅଧକ୍ଷ ଶ୍ରୀ ବିଭୂତି ଭୂଷଣ ମେହେର ସଭାପତିତ୍ୱ କରିଥିଲେ । ସମ୍ମାନିତ ଅତିଥି ଭାବେ ଶ୍ରୀ ପ୍ରାଧାପକ ଆଦିତ୍ୟ କୁମାର ଖମାରି, ପ୍ରାଧାପକ କୈଳାଶ ଚନ୍ଦ୍ର ମେହେର, ଅଧାପକ ଶ୍ରୀ ପ୍ରିୟବ୍ରତ ବାନୁଆ, ଶ୍ରୀ ନେତ୍ରା ନନ୍ଦ ପ୍ରଧାନ, ଶ୍ରୀ ବିଶ୍ ରଞ୍ଜନ ବେହେରା, ଇମରାନ ଖାନ୍, ଶ୍ରୀ ରାଜେଶ ପଟେଲ, ଶ୍ରୀ ହେମନ୍ତ ରଣା , ଶ୍ରୀମତୀ ସସ୍ମିତା ପଣ୍ଡା, ଶ୍ରୀମତୀ ସପନା ପ୍ରଧାନ, ଶ୍ରୀ ଶୁଭାଶିଶ ପାଣିଗ୍ରାହୀ, ଶ୍ରୀ ବଦଲ୍ ଗଉଡ, ଶ୍ରୀ ସଦାନନ୍ଦ ମରାଇ, ଶ୍ରୀମତୀ ପୂର୍ଣ୍ଣମାସି ମାଝୀ, ମିସ୍ ଯସମୀନ ବନିତା ସାହୁ, ଶ୍ରୀମତୀ ଅମିତା ମେହେର, ମିସ୍ ନତାଶା ମହାପାତ୍ର, ଶ୍ରୀ ଆକାଶ ମେହେର ଶ୍ରୀ ଆ□ତ୍ରାଣ ସାହୁ, ଶ୍ରୀ ସୁଧାକର ପାଲ୍, ଶ୍ରୀ ଜନ୍ମେଜୟ ମେହେର, ଶ୍ରୀ ବସନ୍ତ ମାଝୀ, ଶ୍ରୀ ରିଷଭ ବାନୁଆ, ଶ୍ରୀ ଆଦର୍ଶ ପଣ୍ଡା ଯୋଗ ଦେଇ ଥିଲେ ଖେଳ ଶିକ୍ଷକ ଶ୍ରୀ ସମୀର କୁମାର ସାହୁ ସମସ୍ତ ଖେଳକୁ ତଦାରଖ କରିଥିଲେ ଶ୍ରୀ ଦୁର୍ଗା ପ୍ରସାଦ ସିଂହ ଚମେଲୀ ଦେବୀ କଲେଜ ରୁ ଡେପୁ ଟେସନ ରେ ଆସି ସହଯୋଗ କରିଥିଲେ । ବିକାଶ, କୁନି, ଗୁପ୍ତେ, ତ୍ରିଭୁବନ, ପ୍ରବୀଣ ଓ ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ । ଉଦଯାପନୀ ଉତ୍ସବ ରେ ସଫଳ ବ୍ୟବସାୟୀ ତଥା ସମାଜସେବୀ ଶ୍ରୀ ଲଳିତ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଓ ହିମାଦ୍ରି ସିନ୍ଦୂର, ହିମାଂଶୁ ବରାଡ, ସରୋଜ ପଣ୍ଡା ବିଭୁତି ଭୂଷଣ ପଣ୍ଡା, କାଳିଆ କନ୍ଧପାନ, ରାକେଶ ବେମାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ ଦୁଇଶହ କୋଡ଼ିଏ ଜଣ କ୍ରୀଡାବିତ୍ ଖେଳାଳି ଭାବେ ଭାଗନେଇଥିଲେ । ୧୦୦,୨୦୦,୪୦୦,୮୦୦,୧୫୦୦ମିଟର ରନ୍, ଲମ୍ବ ଦିଆ, ଉଚ୍ଚ ଦିଆ, ଗୋଲା ଫିଙ୍ଗା, ଡିସ୍କସ୍ ଫିଙ୍ଗା, ବର୍ଚ୍ଛା ଫିଙ୍ଗା ଉଭୟ ବାଳକ ଓ ବାଳିକା ବିଭାଗ ର ପ୍ରତିଯୋଗୀତା ହେଇଥିଲା ।

# ବନ୍ଦ ହେଲା ଟୋଲ ଗେଟ ଏବଂ ମାତ୍ରାଧିକ ଫି ଆଦାୟ

ହିନ୍ଦୋଳ(ମହାଭାରତ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ସ୍ଥିତ ସାପୁଆ ଡ୍ୟାମରେ ପର୍ଯ୍ୟଟକ ଙ୍କ ଠାରୁ ଜବରଦସ୍ତ ଟଙ୍କା ଆଦାୟ କରୁଥିଲେ, ଏନେଇ ଅଞ୍ଚଳରେ ଉତେଜନା ସହିତ ବାରମ୍ବାର ବିଭିଭ ଗଣମଧମ ରେ ଖବର ପ୍ରକାଶ ପାଇବା ପରେ ହିନ୍ଦୋଳ ବ୍ଲକ ପ୍ରଶାସନ ସାପୁଆ ପର୍ଯ୍ୟଟନ ସ୍ଥଳୀରୁ ଗେଟ ଓ ଆଦାୟକାରି ଯୁବକ ମାନଙ୍କୁ ହଟାଇ ଦେଇଥିବା ଦେଖିବାକୁ ମିଳିଛି । ସାପୁଆ ପର୍ଯ୍ୟଟନ ସ୍ଥଳୀରେ ଭିତିଭୂମିର ଅଭାବ ଥିବା ବେଳେ ପର୍ଯ୍ୟଟକ ମାନଙ୍କ ପାଇଁ ପର୍ଯ୍ୟାପ୍ତ ସୁବିଧା କରାଯାଇନଥିବା ଦେଖିବାକୁ ମିଳିଥିବା ବେଳେ ଏପରିକି ପାଇପଯୋଗେ ବିଶୁଦ୍ଧ ପାନୀୟ ଜଳ ଟୋପେ ପ୍ରଶାସନ ପକ୍ଷରୁ ସୁବିଧା କରାଯାଇ ନାହିଁ, ପ୍ରତେକ ଦିନ ହଜାର ହଜାର ପୁରୁଷ ଓ ମହିଳା ପର୍ଯ୍ୟଟକ ସାପୁଆ ଡ୍ୟାମ ଉପଭୋଗ କରିବା ପାଇଁ ଯାଉଥିବା ବେଳେ ପର୍ଯ୍ୟଟକ ମାନଙ୍କ ପାଇଁ ଶୌଚାଳୟ ର ବ୍ୟବସ୍ଥା ମଧ ନାହିଁ, ପ୍ରତେକ ଦିନ ହଜାର ହଜାର ପର୍ଯ୍ୟଟକ ଆସି ଭୋଜି କରୁଥିବା ବେଳେ ସେଠାରେ ବହୁମାତ୍ରାରେ ଆବର୍ଜନା ଓ ମଦ ବୋତଲ ପଡ଼ିରହିଛି ।ଏତେ ସଂଖ୍ୟକ ଗାଡି ଦୈନିକ ଯାଉଛି ହେଲେ ପ୍ରଶାସନ ପକ୍ଷରୁ ସେପରି ଗାଡି ରଖିବା ପକ୍ଷର୍କିଙ୍ଗ ସୁବିଧା ନାହିଁ, ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ମଧ ପୋଲିସ ର ଦେଖା ନାହିଁ । ପ୍ରଶାସନ କିପରି ତରବରିଆ ଭାବେ ନିକଟସ୍ଥ ନହଡା ଗ୍ରାମର ଯୁବକ ସଙ୍ଘଙ୍କୁ ପର୍ଯ୍ୟଟକଙ୍କ ଠାରୁ ସଙ୍ଘ ରସିଦ ଦେଇ ବେନିୟମ ଭାବେ ଜବରଦସ୍ତ ଟଙ୍କା ଆଦାୟ କରୁଥିଲେ ଯାହାକି ବାଇକ ପାଇଁ ୨୦ଟଙ୍କା, କାର ପାଇଁ ୨୦୦ ଟଙ୍କା, ବସ ପାଇଁ ୫ ସହ ଟଙ୍କା ଖୋଲା ପିଣ୍ଡି ପାଇଁ ୧୫୦ଟଙ୍କା, ଛାତ ପିଣ୍ଡି ପାଇଁ ୨ ସହ ଟଙ୍କା ଓ ବିଦ୍ୟୁତ ସଂଯୋଗ ପିଣ୍ଡି ପାଇଁ ୫ ସହ ଟଙ୍କା ଲେଖାଏ ସ୍ଥାନୀୟ ଯୁବକ ମାନେ ଆଦାୟ କରୁଥିଲେ ।ଏଠାରେ ପ୍ରଶ୍ନ ଉଠେ ଦଶ ଦିନ ଭିତରେ ସମ୍ପୃକ୍ତ ଯୁବକମାନେ କେତେଟଙ୍କା ଆଦାୟ କଲେ ତାହା ମଧ ସଠିକ ଭାବେ ବିଭାଗୀୟ ଅଧିକାରୀ ମାନେ ଜାଣିନାହାନ୍ତି। ବିନା ଟେଣ୍ଡରରେ କିପରି ଟଙ୍କା ନିଆ ଯାଉଥିଲା କାହା ଚାପର ବଶବର୍ତ୍ତୀ ହୋଇ ହିନ୍ଦୋଳ ବ୍ଲକ ପ୍ରଶାସନ ନହଡା ଗ୍ରାମର ଯୁବକ ସଙ୍ଘ ଙ୍କୁ ଏହାର ଦାଇତ୍ୱ ଦେଇଥିଲେ । ରାଜ୍ୟରେ ନୂତନ ଭାବେ ଆସିଥିବା ସରକାର ଏହାର ତଦନ୍ତ କରିବା ସହିତ ଜୋରଜବର କରାଯାଉଥିବା ଟଙ୍କା ଆଦାୟ କୁ ବନ୍ଦ କରିବା ପାଇଁ ଅଞ୍ଚଳ ବାସି ଙ୍କ ପକ୍ଷରୁ ଓ ଆସୁଥିବା ପର୍ଯ୍ୟଟକ ମାନଙ୍କ ଦ୍ୱାରା ଅଭିଯୋଗ ହୋଇଆସୁଥିଲା ଏ ସମ୍ପର୍କ ରେ ବାରମ୍ବାର ଗଣମଧମରେ ପ୍ରକାଶ ପାଇବା ପରେ ଗଣମଧମ ଚାପରେ ଚେପା ହୋଇ ପ୍ରଶାସନ ପକ୍ଷରୁ ଟଙ୍କା ଆଦାୟ କୁ ବନ୍ଦ କରାଯାଇଥିବା ଆଜି ଦେଖିବାକୁ ମିଳିଥିଲା, ରାଜ୍ୟ ପର୍ଯ୍ୟଟନ ମାନଚିତ୍ର ରେ ଢେଙ୍କାନାଳ ଜିଲ୍ଲା ସତନ୍ତ୍ର ସ୍ଥାନ ଥିବା ସାପୁଆ ପର୍ଯ୍ୟଟନ ସ୍ଥଳରେ ହୋଇଥିବା ଅବ୍ୟବସ୍ଥା ସମ୍ପର୍କ ରେ ହିନ୍ଦୋଳ ଗୋଷ୍ଠୀ ଉର୍ଣ୍ଣୟନ ଅଧିକାରୀ କଲ୍ୟାଣ ସୌରଭ ଦାସ ଙ୍କୁ ଯୋଗାଯୋଗ କରିବରେ ସେ କୁହନ୍ତି ଏହାର ତଦନ୍ତ କରାଯାଇ ସମ୍ପୃକ୍ତ ଯୁବକମାନଙ୍କୁ ଟଙ୍କା ଆଦାୟ କରିବା ପାଇଁ ବାରଣ କରାଯାଇଛି କ୍ଷ ତେବେ ସାପୁଆ ପର୍ଯ୍ୟଟନ ସ୍ଥଳରେ ବିଭାଗ ପକ୍ଷରୁ ଉର୍ଣ୍ଣୟନ ପାଇଁ ହେଉଥିବା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ଏବଂ ସମସ୍ତ କାର୍ଯ୍ୟ ସଠିକ ତଦାରଖ କରାଯାଇ ସଠିକ ଭାବରେ କରାଯିବା ସହ ପର୍ଯ୍ୟଟକ ମାନଙ୍କ ପାଇଁ ସର୍ବନିମ୍ନ ମୌଳିକ ସୁବିଧା ସହ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ପାଇଁ ପଦକ୍ଷେପ ନେବାକୁ ରାଜ୍ୟସରକାର ଓ ପର୍ଯ୍ୟଟନ ବିଭାଗ ନିକଟରେ ର୍ନିବାଚନମଣ୍ଡଳୀ ଜନସାଧାରଣ ଦାବି କରିଛନ୍ତି ।

# ବିଧାୟକଙ୍କ ଦ୍ୱାରା ୬ଟି ନୂତନ ଗୃହର ଶିଳାନ୍ୟାସୟ



ପରଜଙ୍ଗ(ମହାଭାରତ) ପରଜଙ୍ଗ ର୍ନିବାଚନ ମଣ୍ଡଳୀ ର ନୂତନ ବିଧାୟକ ବିଭୂତି ଭୂଷଣ ପ୍ରଧାନ ୬ଗୋଟି ନୂତନ ଅଫିସ ଗୃହର ଶିଳାନ୍ୟାସ କରିଛନ୍ତି। ବିଧାୟକ ଶ୍ରୀ ପ୍ରଧାନ ଯୋଗଦାନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧକ୍ଷକ୍ଷ ଯଶସ୍ୱିନି ରାଉତ,ସମାଜସେବୀ ପ୍ରଶାନ୍ତ କୁମାର ଦଳବେହେରା,ବିଜେପି ଯୁବ ସଂପାଦକ ଦୀପକ ଗୋଛୟତ,ଅର୍, ଡି ର ଅଧିକ୍ଷଣ ଯନ୍ତ୍ରୀ ଶିବଜ୍ୟତି ସାହୁ ଢ଼େଙ୍କାନାଳ (୨) କାମାକ୍ଷାନଗର । ର୍ନିବାହୀ ଯନ୍ତ୍ରୀ ନାରାୟଣ ବେହେରା, କନିଷ୍ଠ ଯନ୍ତ୍ରୀ ହେମନ୍ତ କୁମାର ଜେନା,ପୂର୍ତଭାଗର ର୍ନିବାହୀ ଯନ୍ତ୍ରୀ ବିଜୟ କୁମାର ସେଠୀ,ସବ୍ କଲେକ୍ଟର ପ୍ରଭାତ କୁମାର ବେହେରା,ତାହସିଦର୍ ଦିଲୀପ କୁମାର ନାୟକ, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ,ସବ୍ ରେଜିଷ୍ଟର ଯୋଗଦେଇଥଲେ। ପରଜଙ୍ଗ ସବ୍ ରେଜିଷ୍ଟର କାର୍ଯ୍ୟାଳୟର ଏକ କୋଟି ବାର ଲକ୍ଷ୍ୟ ଟଙ୍କା ଏବଂ କାର୍ଯ୍ୟର କ୍ଷମ ତାରିଖ ୧୬/୬/୨୦୨୬,ଅତିରିକ୍ତ ତହସିଲଦାରଙ୍କ ଆବାସିକ ଗୃହ ୨୬ ଲକ୍ଷ୍ୟ ୮୪ ହଜାର ଟଙ୍କାୟ ସେହିପରି ସୟନ୍ଧା ରାଜ୍ୟସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ୩୩ଲକ୍ଷ୍ୟ ୨୮ ହଜାର ଟଙ୍କା ଓ ପ୍ରାଥମିକ କୃଷି ସେବା ସମବାୟ ସମିତି ୧୨ଲକ୍ଷ୍ୟ ୮୩ ହଜାର ଟଙ୍କା ଅଟକଳ ମୂଲ୍ୟ ଧାର୍ଯ୍ୟ କରାଯାଇଛା। ସେହିପରି କୁଆଲୁ ୯୨ ଲକ୍ଷ୍ୟ ଟଙ୍କା ଓ ଲୋଧନୀ ୭୧ ଲକ୍ଷ୍ୟ ଟଙ୍କା ସେବା ସମବାୟ ସମିତିର ନୂତନ ଗୃହ ନିମନ୍ତେ ଶିଳାନ୍ୟାସ କରିଛନ୍ତି। ଉକ୍ତ ୫ ଟି କାର୍ଯ୍ୟ ଅବଧି ୬ ମାସ ଅଟେ।

# ପ୍ରାକୃତିକ ସୌନ୍ଦର୍ଯ୍ୟରେ ଗନ୍ତାଘର ହନୁମାନ ବାଟିକା



ଅନୁଗୋଳ,ମହାଭାରତ(ସୁଧାକର ସାହୁ):ଅନୁଗୋଳ ର ସବୁଜ ବନାନୀ ପ୍ରାକୃତିକ ପରିବେଶ ରେ ନନ୍ଦୀରା ନଦୀ କୂଳରେ ଦୁଇଟି ବଣ ଭୋଜି ସ୍ଥାନ ହେଉଛି କୁରୁଡୋଳ ର ଜୀବନ ଜ୍ୟୋତି ଆଶ୍ରମ ଓ କୁକୁଡ଼ାଙ୍ଗର ନାରାୟଣ ସେବାଶ୍ରମ । ବର୍ଷ ସାରା ଏହା ପର୍ଯ୍ୟଟକ ଙ୍କୁ ଆକୃଷ୍ଟ କରୁଥିଲେ ମଧ ବିଶେଷ କରି ପର୍ଯ୍ୟଟନ ଋତୁ କୁହାଯାଉଥିବା ନଭେମ୍ବର ରୁ ଫେବୃଆରି ମାସ ମଧ୍ୟରେ ଅଧିକ ପର୍ଯ୍ୟଟକ ବଣ ଭୋଜି କରିବା ପାଇଁ ଏଠାକୁ ଆସିଥାନ୍ତି। ଦୁଇ ପାର୍ଶ୍ୱରେ ବଣ ଜଙ୍ଗଲ ଭଳି ସବୁଜ ବୃକ୍ଷରାଜି ମଧ୍ୟରେ ନନ୍ଦିରା ନଦୀ ର କୁଲୁକୁଲୁ ଶବ୍ଦ ଦୂର ଦୁରନ୍ତରୁ ଓ ସହରୀ ଲୋକଙ୍କୁ ଆକୃଷ୍ଟ କରିଥାଏ । ନନ୍ଦୀରା ନଦୀରେ ଗାଧୋଇବାର ମଜା ନେବା ସହ କୁକୁଡାଙ୍ଗ ସ୍ଥିତ ନାରାୟଣ ସେବାଶ୍ରମ ମଧ୍ୟରେ ଥିବା ଔଷଧୀୟ ବୃକ୍ଷ ଗୁଡ଼ିକ ପ୍ରକୃତି ପ୍ରେମୀଙ୍କୁ ଆକୃଷ୍ଟ କରୁଥିବା ବେଳେ, ସେଠାରେ ଥିବା ସର୍ବ ସାଧାରଣ ଗ୍ରନ୍ଥାଳୟ ରେ ଏକାନ୍ତରେ ବହି ଗୁଡ଼ିକ ପଢିବା ପାଇଁ ପାଠକ ମାନଙ୍କୁ ନିଜ ଆଡ଼କୁ ଆପଣାଇ ଥାଏ । ଜିଲ୍ଲା ତଥା ଜିଲ୍ଲା ବାହାର ର ପର୍ଯ୍ୟଟକ ମାନଙ୍କୁ ଓ ବଣ ଭୋଜି କରିବାକୁ ଆଗ୍ରହୀ ଥିବା ଲୋକଙ୍କ ମଧ୍ୟରେ ଏହି ସ୍ଥାନଟି ପ୍ରଥମ ପସନ୍ଦ ସାଜିଛି । ଉଭୟ ଜୀବନ ଜ୍ୟୋତି ହନୁମାନ ବାଟିକା ଓ ନାରାୟଣ ସେବାଶ୍ରମ ରେ ଛୋଟ ପିଲା ମାନଙ୍କ ପାଇଁ ଦୋଳି ର ବ୍ୟବସ୍ଥା ହୋଇଥିବା ବେଳେ ନନ୍ଦିରା କୂଳରେ ଥିବା ଶିଶୁ ଉଦ୍ୟାନ ବଣ ଭୋଜି କରିବାକୁ ଆସିଥିବା ଛୋଟ ଛୋଟ ପିଲା ମାନେ ଦୋଳିର ମଜା ନେବାସହ ବିଭିନ୍ନ ପ୍ରକାରର ଜୀବଜନ୍ତୁ ଙ୍କ ପ୍ରତିଛବି ପିଲା ମାନଙ୍କୁ ଆକୃଷ୍ଟ କରୁଛି। ହନୁମାନ ବାଟିକା ଠାରେ ପାନୀୟ ଜଳ, ପରିସ୍ରାଗାର ଓ ଶୌଚାଳୟ ବ୍ୟବସ୍ଥା ସହିତ ସମସ୍ତ ଗାଡ଼ି ପାଇଁ ପାର୍କିଂ ର ବ୍ୟବସ୍ଥା ଥିବା ବେଳେ , ଓଡ଼ିଶା ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇଥିବା ନାରାୟଣ ସେବାଶ୍ରମ ରେ ଏହି ସମସ୍ତ ବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟକ ମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଅନୁଗୋଳ ସହର ଠାରୁ ମାତ୍ର ୬ କିଲୋମିଟର ଦୂରରେ ସହର ନିକଟରେ ଏକ ଶାନ୍ତ ପରିବେଶରେ ଏହା ଥିବା ବେଳେ ନାଲକୋ ନଗର ଠାରୁ ୪ କିଲୋମିଟର ଓ ତାଳଚେର ଠାରୁ ୧୦ କିଲୋମିଟର ଦୂରରେ ଏହା ରହିଛି , ଏହାର ନିକଟତମ ରେଳ ଷ୍ଟେସନ ହେଉଛି ଅନୁଗୋଳ ଷ୍ଟେସନ ସେହିପରି ଆପଣ ତାଳଚେର ରୋଡ଼ ରେଳଷ୍ଟେସନ ଠାରୁ ମଧ ଏଠାକୁ ସହଜରେ ଆସି ପାରିବେ ।



## ମେକ ମାଇକେଲ ସଂସ୍କୃତ କଲେଜର ଜାତୀୟ ସେବା ଯୋଜନା ଶୀତ ଶିବିର ଉଦଯାପିତ



ଆସିକା (ମହାଭାରତ): ଆସିକା ମେକ ମାଇକେଲ ସଂସ୍କୃତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଦେବଭୂମି ଗ୍ରାମ ରେ ଉଦଯାପିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମ ରେ ଜାତୀୟ ସେବା ଯୋଜନା ର କାର୍ଯ୍ୟକ୍ରମ ସଂଯୋଜକ ସନାତନ ପଣ୍ଡା ଙ୍କ ସଂଯୋଜନା ରେ କଲେଜ ର ଅଧକ୍ଷ ଅଶ୍ୱିନୀ ଦାସ, ପୁରୀ ଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟ ର ଜାତୀୟ ସେବା ଯୋଜନା ର ସଂଯୋଜକ ପ୍ରଫେସର ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ,ସୁଦର୍ଶନ ହାଇସ୍କୁଲ ର ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ଆର୍ଯ୍ୟ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଗୌରହରି ବେହେରା,ଶିଶିର କୁମାର ମିଶ୍ର,ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶୀତ ଶିବିର ସାତ ଦିନ ଧରି ଅନୁଷ୍ଠିତ ହୋଇଥିଲା । ବିଶେଷ କରି ଗ୍ରାମ୍ୟ ପରିମଳ, ସ୍ୱାସ୍ଥ୍ୟ ଏଡ୍‌ସ ରୋଗ ନିରାକରଣ ପାଇଁ ରକ୍ତ ନମୁନା ସଂଗ୍ରହ, ବୃକ୍ଷ ରୋପଣ, ସୁରକ୍ଷା ଓ ନିରାପ□ା ନିମନ୍ତେ ଅଗ୍ନିଶମ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ତାଲିମ, ନୂତନ ଶିକ୍ଷା ନୀତି ୨୦-୨୦ ର ଆବଶ୍ୟକତା ଏବଂ ଉପକାର ଓ ଅପକର ଉପରେ ଆଲୋଚନା, କରାଯାଇଥିଲା । ପିଲାମାନଙ୍କ ମଧ୍ୟରେ ସୁନ୍ଦର ପୋଷାକ ପରିଧାନ ଓ ଏକକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଶିବିର ରେ ବାବା ନାଥ ମିଶ୍ର ଓ କବିତା କୁମାରୀ ଦାସ ବିଭିନ୍ନ ଦିବସରେ ସେବକ ମାନଙ୍କୁ ସେବା କାର୍ଯ୍ୟ ପାଇଁ ଉତ୍ତମ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମ କୁ ଟୁନା ମହାରଣା,ସେବକ ରୁଦ୍ର ମହାରଣା, ଅରପିତ ସ୍ୱାଇଁ, ଆଦର୍ଶ ସ୍ୱାଇଁ, ଶ୍ରାବଣୀ ଜେନା, ମାମାଲି ମହାନ୍ତି, ପାୟଲ ସ୍ୱାଇଁ, ସମେତ ୫୦ ଜଣ ଛାତ୍ର ଛାତ୍ରୀ ସେବା ଶିବିର ରେ ଯୋଗ ଦେଇଥିଲେ ।

## ସମାଜ ସେବୀ ବ୍ରହ୍ମାନନ୍ଦ ଙ୍କ ନିଆରା ପ୍ରୟାସ



ବାଲିପାଟଣା(ମହାଭାରତ)କିଛି ସ୍ୱାର୍ଥ ନଥାଇ ଯିଏ ଗରିବ,ଅସହାୟ ବୃଦ୍ଧ ବୃଦ୍ଧା ଙ୍କୁ ସାହାଯ୍ୟ କରେ ସିଏ ହିଁ ପ୍ରକୃତ ସମାଜ ସେବୀ।ଯିଏ ଗରିବ ଓ ଅସହାୟ ଲୋକ ଙ୍କୁ ନିଜର ପରିବାର ବୋଲି ଭାବେ ସିଏ ହିଁ ସମାଜ ସେବୀ।ଏମିତି ଏକ ନିଆରା ମଣିଷ ହେଉଛନ୍ତି ବ୍ରହ୍ମାନନ୍ଦ ବେହେରା। ନା ଯେମିତି କାମ ବି ସେମିତି !ବାଲିପାଟଣା ଓ ବାଲିଅନ୍ତା ଦୁଇଟି ଯାକ ବ୍ଲକ ରେ ନିଆରା ପରିଚୟ ସୃଷ୍ଟି କରିପାରିଛନ୍ତି ବ୍ରହ୍ମା ନନ୍ଦବେହେରା। ସେ ପେଶାରେ ଜଣେ ଚାଷୀ ହୋଇଥିବା ବେଳେ କିନ୍ତୁ ନିଶା ତାଙ୍କର ସମାଜ ସେବା କରିବା।ଚଳିତ ବର୍ଷ ନୂଆ ବର୍ଷ ରେ ନିଆରା ପ୍ରୟାସ ଜାରି ରଖିଛନ୍ତି ବ୍ରହ୍ମାନନ୍ଦ। ଗତ କାଲି ସେ କୁରୁଞ୍ଜିପୁର୍ ହରିଜନ ସାହିରେ ପ୍ରାୟହଜାର ରୁ ଉର୍ଦ୍ଧ ଗରିବ ଅସହାୟ ଲୋକଙ୍କୁ କମଳ ବଣ୍ଟନ କରି ସେ ନିଜର ଆଉ ଏକ ସୋତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ପ୍ରତେକ ଦିନ ଦୁଇଟି ଯାକ ବ୍ଲକ ରେ ପୂର୍ବଦିନ ରୁ ଯୋଜନା କରିଥିବା ପଞ୍ଚାୟତ ରେ ବୁଲି କାହାର ମେଡିକାଲ କେସ ହଉ କି ବ୍ୟକ୍ତିଗତ ଅସୁବିଧା ହେଉ ପହଞ୍ଚି ଯାଆନ୍ତି ବ୍ରହ୍ମାନନ୍ଦ। ଏମିତି ଜଣେ ସାନ୍ତ,ଶିଷ୍ଟ , ମିଷ୍ଟ ଭାସି ସରଳ ଲୋକଙ୍କୁ ପାଖରେ ପାଇ ବସନ୍ତମାଳ ର ଜନ ସାଧାରଣ ବେଶ୍ ଖୁସ୍। ଏ ବିଷୟରେ ବ୍ରହ୍ମା ନନ୍ଦ ଙ୍କୁ ପଚାରିଲେ ଉ□ର ମିଳେ ସମାଜ ସେବା କରିବା ମୋର ମୂଳ ଲକ୍ଷ୍ୟ,,ମୁଁ କୌଣସି ରାଜନୈତିକ ଉଦ୍ଦେଶ୍ୟ ରଖି କିଛି କରୁନି,ଯେତେଦିନ ଥିବି ଏମିତି ଲୋକଙ୍କ ସେବା କରିବି କହିଛନ୍ତି ବ୍ରହ୍ମାନନ୍ଦ ବେହେରା।

## ରେଙ୍ଗାଲପାଲିରେ ନୂତନ ଧାନ ମଣ୍ଡି ଉଦଘାଟିତ



କୋକସରା,(ମହାଭାରତ) : କୋକସରା ବ୍ଲକ ସଦର ମହକୁମା ପ୍ୟାକ୍ସ ଅଧୀନରେ ଥିବା ରେଙ୍ଗାପାଲିଠାରେ ଶନିବାର ନୂତନ ଧାନ ମଣ୍ଡି ଉଦଘାଟିତ ହୋଇଛି। କୋକସରା ପ୍ୟାକ୍ସ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ରେଙ୍ଗାଲପାଲି ସରପ□ ପଦ୍ମିନୀ ପାତ୍ର, ପ୍ୟାକ୍ସ ସମ୍ପାଦକ ନିରଞ୍ଜନ ବାଗ ପ୍ରମୁଖ ଉପସ୍ଥିତ ରହିଥିଲେ। ର୍ଦିଘ ଦିନର ଦାବିପରେ ଧାନ ମଣ୍ଡି ଖୋଲିଥିବାରୁ ଗ୍ରାମବାସୀ ମାନେ କଳାହାଣ୍ଡି ଜିଲ୍ଲାପାଳ, ସାଂସଦ, ରାଜ୍ୟ ସଭା ସାଂସଦ ଓ ଡିଆରସିଏସ୍ ଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏବଂ ଆଗାମୀ ବର୍ଷଠାରେ ସ୍ଥାୟୀ ମଣ୍ଡି ଖୋଲିବା ପାଇଁ ଦାବି କରିଛନ୍ତି। ପ୍ରଥମ ଦିନରେ ୫ଗୋଟି ମିଲର୍ସଙ୍କ ସହଯୋଗରେ ଚାଷୀ ମାନଙ୍କ ଧାନ ଉଠାଣ ହୋଇଛି।

# କ୍ଷତିଗ୍ରସ୍ତ ଆଖୁଚାଷ ଅଞ୍ଚଳ ପରିଦର୍ଶନ କଲେ ଚିନି ଶିଳ୍ପ ପରିଚାଳନା ପରିଷଦ ସଭାପତି




ଆସିକା (ମହାଭାରତ): ଭଞ୍ଜନଗର ବ୍ଲକର ବିଭିନ୍ନ ଅଞ୍ଚଳରେ ହାତୀ ପଲ ନଷ୍ଟ କରିଦେଇଥିବା ଆଖୁ ଓ ଆଖୁ ଚାଷ ସ୍ଥଳୀ ପରିଦର୍ଶନ କରିଛନ୍ତି ଆସିକା ସମବାୟ ଚିନି ଶିଳ୍ପ ପରିଚାଳନା ପରିଷଦ ସଭାପତି ରବୀନ୍ଦ୍ର ନାଥ ପଣ୍ଡା ଆଖୁ ଉନ୍ନୟନ କତୃପକ୍ଷ ଅଞ୍ଚଳ ପରିଦର୍ଶନ ସହିତ ବନବିଭାଗ ତୁରନ୍ତ କ୍ଷୟ କ୍ଷତି ଅକାଳନ କରି ଶୀଘ୍ର ସହାୟତା ପ୍ରଦାନ କରିବା ପାଇଁ କହିଛନ୍ତ। ବନବିଭାଗ ଦ୍ୱାରା ଯେଉଁ ସହାୟତା ଚାଷୀ ମାନଙ୍କୁ ପ୍ରଦାନ କରୁଛନ୍ତି ତାହା ଅତି ସ୍ୱଳ୍ପ ଅଟେ ତେଣୁ ସେହି ସହାୟତା ରାଶିଙ୍କୁ ବୃଦ୍ଧି କରିବା ସହ ରାଜ୍ୟ ସରକାର ଆଖୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ମଧ ସ୍ଥାନୀୟ ତହସିଲଦାରଙ୍କ ମାଧମରେ ସହାୟତା ଯୋଗାଇଦେବା ପାଇଁ ଆଲୋଚନା କରିବା ପାଇଁ ପ୍ରତିଶୃତି ଦେଇଛନ୍ତି। ପ୍ରକାଶ ଥାଉକି ଆସିକା ସମବାୟ ଚିନି ଶିଳ୍ପ କାରଖାନା କୁ ଚିନି ଉତ୍ପାଦନ ପାଇଁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରୁ ହଜାର ହଜାର ଟନ ଆଖୁ ଆସିଥାଏ। ଦୀର୍ଘ ବର୍ଷ ହେବ ଭଞ୍ଜନଗର ବ୍ଲକର ବିଭିନ୍ନ ଗ୍ରାମରେ ଆଖୁ ଫସଲ ଚାଷ କରାଯାଇଥାଏ ଚଳିତ ବର୍ଷ ମଧ ମୁଜାଗଡ଼ ପଞ୍ଚାୟତ,ଗୁରୁଣ୍ଡିବାଡି ପଞ୍ଚାୟତ, ସାନକୋଦଣ୍ଡା ପଞ୍ଚାୟତର ନିଧିଆପଲ୍ଲୀରେ ୪ ଏକର,ଜୟ ମଙ୍ଗଳରେ ୩ ଏକର,ଢଉମୁଣ୍ଡିଆ ରେ ୧ ଏକର,ଗୁଣ୍ଡୁରିବାଡ଼ି ରେ ୧୨.୮୦ ଏକର,ଖଣ୍ଡିକୋଟରେ ୫ ଏକର,ବାଡ଼ିଆ ଗାଆ ରେ ୬ ଏକର ଆଖୁ ଚାଷ କରାଯାଇଥିଲା। ହେଲେ ଚଳିତ ବର୍ଷ ୩୬ ପଟିଆ ଓ ୨୨ ପଟିଆ ହାତୀପଲ ଆଖୁ ଚାଷ ସମ୍ପୂର୍ଣ ନଷ୍ଟ କରିଦେଇଛନ୍ତି। ବର୍ତ୍ତମାନ ଆଖୁ ପେଡା ଆରମ୍ଭ ହେବାକୁ ଆଉ ମାତ୍ର ୧୦ଦିନ ଥିଲା ବେଳେ ବର୍ତ୍ତମାନ ବିଲରେ ଆଉ ଆଖୁ ନାହିଁ ତେଣୁ ଆଖୁ ଚାଷୀ ମୁଣ୍ଡରେ ହାତ ଦେଇବସିଛନ୍ତି। ଆଖୁ ଚାଷୀ ମାନେ ଚାଷ ପାଇଁ ସମବାୟ ବ୍ୟାଙ୍କ ମାଧ୍ୟମରେ ଓ ଜାତୀୟ ବ୍ୟାଙ୍କ୍ ମାଧ୍ୟମରେ ଆଖୁ ଚାଷ ପାଇଁ ଋଣ ନେଇ ବର୍ତ୍ତମାନ ହତାସ ହୋଇ ବସିଛନ୍ତି ଚାଷୀମାନଙ୍କର ମେରୁଦଣ୍ଡ ଭାଙ୍ଗିଯାଇଛି। ତେଣୁ ଆଗାମୀ ଋତୁରେ ଆଖୁ ଚାଷ ହେବା ନେଇ ସଂପୂର୍ଣ୍ଣ ଆଶଙ୍କା ରହିଅଛି। ଭଞ୍ଜନଗର ବ୍ଲକରେ ଚାଷୀ ମାନଙ୍କର ଆଖୁ ଚାଷ ପାଇଁ ଜଳ ଅଭାବ ସହିତ ବନ୍ୟଜନ୍ତୁ ଆକ୍ରମଣ ଦ୍ୱାରା ଆଖୁ ଚାଷ ଆଗାମୀ ଦିନ ମାନଙ୍କ ରେ ସମ୍ପୂର୍ଣ୍ଣ ବନ୍ଦ ହୋଇଯିା ଆଶଙ୍କା କରି ଆଜି ଚିନି ଶିଳ୍ପ ପରିଚାଳନା ସଭାପତି ଙ୍କ ସମେତ ଏକ ଟିମ ପରିଦର୍ଶନ କରି ଆଗାମୀ ଦିନରେ ଚାଷୀ ମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବ ପାଇଁ ପ୍ରତିଶୃତି ଦେଇ ଫେରିଛନ୍ତି।

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଛତୁ ଚାଷ ସମ୍ବନ୍ଧୀୟ ତାଲିମ ଶିବିର

ରଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର କନଫେରାନ୍ସ ହଲ ଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଛତୁ ସମ୍ବନ୍ଧୀୟ ଏକ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ସୁଶାନ୍ତ ରଞ୍ଜନ ଦାଶ,ଡି.ଆଇ. ସି ମେନେଜର ସୁନାରାମ ସିଂ, ଜଳ ଛାୟା ପ୍ରକଳ୍ପ ନିର୍ଦ୍ଦେଶକ ସୁରେଶ କୁମାର ପଟ୍ଟନାୟକ,ଓଏଲ ଏମ୍ ର ଡି ପି ଏମ୍ ଟିମନ ବୋରା, ସହକାରୀ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଶଶାଙ୍କ ଶେଖର,ଏଲ ଡି ଏମ୍ ମହେଶ୍ୱର ମଣ୍ଡଳ,ଝଉଠଙ ଡକ୍ଟର ରମା କାନ୍ତ ରଣା, ପ୍ରମୁଖ ମଞ୍ଚାସିନ ଥିଲେ। ଗୋଶାଣୀ ସହକାରୀ ଉଦ୍ୟାନ କୃଷି ଅଧିକାରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରି ଥିବା ବେଳେ ଗୁମ୍ମା ବ୍ଲକର ସହକାରୀ ଉଦ୍ୟାନ କୃଷି ଅଧିକାରୀ ଦିଲ୍ଲିପ କୁମାର ଡିଙ୍ଗଲ ଛତୁ ଚାଷ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କାଶୀ ନଗର, ରାୟଗଡ,ଗୋଶାଣୀ , ଓ ଗୁମ୍ମା ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଏକ ଦିନିଆ ଛତୁ ଚାଷ ତାଲିମ ପ୍ରଦାନ କରାଯାଇଛି।ଏହି ଛତୁ ଚାଷ ପ୍ରଶିକ୍ଷଣ ପରେ ମହିଳା ମାନେ ନିଜେ ଛତୁ ଚାଷ କରି ସ୍ୱାବଲମ୍ବୀ ହୋଇ ପାରି ନିଜର ସାମାଜିକ ଅର୍ଥନୈତିକ ଅଭିବୃଦ୍ଧି ହେବା ସଙ୍ଗେ ସଙ୍ଗେ ସମାଜର ମୁଖ୍ୟ ସ୍ରୋତରେ ପହଞ୍ଚି ପାରିବେ ବୋଲି ସରକାରଙ୍କ ଏକ ପ୍ରୟାସ ବୋଲି ଅତିଥିମାନେ ନିଜର ମତ ପ୍ରକାଶ କରିଥିଲେୟ ଏହି କାର୍ଯ୍ୟକ୍ରମରେ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଖଣି ମାଫିଆ ଙ୍କ ପରିବହନ ସଂସ୍ଥା ନିଲମ୍ବିତ,

ଯୋଡା, ୪/୧:(ମହାଭାରତ) କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଯୋଡ଼ା ଓଏମଡିସି ଖଣି ଅନିୟମିତତା ଘଟଣାରେ ରୋଇଡୟ ଅ□ଳ ର ଜଣେ ଖଣି ମାଫିଆଙ୍କ ଦ୍‌ାରା ପରିଚାଳିତ ତୁଳସୀ ପରିବହନ ଟ୍ରାନ୍ସପୋର୍ଟ କୁ ଖଣି ବିଭାଗ ନିଲମ୍ବିତ କରିଛି ଯବିଜେଡି ଶାସନ ସମୟରେ ଦୀର୍ଘ ବର୍ଷ ଧରି ଖଣିଜ ପରିବହନ ବ୍ୟବସାୟ କୁ କବଜୟ କରି ରଖିଥିବା ଖଣି ମାଫିଆ ଙ୍କ ପରିବହନ ବ୍ୟବସାୟ ବନ୍ଦ ହୋଇ ଯାଇଛି ୟ ଖଣି କାରବାର ନେଇ ରୁଗୁଡିସ୍ଥିତ ଭୂୟାଁରୋଇଡା, କୁନ୍ଦୁରୁପାଣିର ତୁଳସୀ ଟ୍ରାନ୍ସପୋର୍ଟ ନାମକ ଏକ ପରିବହନ ସଂସ୍ଥାକୁ କାରଣା ଦର୍ଶାଅ ନୋଟିସ୍ କରାଯିବା ସହ ନିଲମ୍ବନ କରାଯାଇଥିବା ଜଣାପଡିଛି ୟ ୭ଦିନ ମଧ୍ୟରେ ସଠିକ କୈଫତ ଦେଇନପାରିଲେ ଏହାର ଲାଇସେନ୍ସ ରଦ୍ଦ କରିବା ପାଇଁ ଯୋଡା ଖଣି ବିଭାଗ ଉଚ୍ଚ କ□ୁପକ୍ଷଙ୍କୁ ଜଣାଇଛନ୍ତି ୟ ଖଣି ତଥା ଖଣିଜ ଉତ୍ତୟନ ଏବଂ ନିୟମ-୧୯୫୭ ଅନୁଯାୟୀ ଅନଧିକାର ଭାବେ ଖଣିଜ ପରିବହନ ଓ ଖଣିଜ ପରିବହନ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ଏହା ନିଲମ୍ବନ କରାଯାଇଥିବା ଜଣାପଡିଛି ୟ ଏଠାରେ ସୂଚନା ଯୋଗ୍ୟ, ମେସର୍ସ ଓଏମ୍‌ଡିସି କମ୍ପାନୀର ରଇଡା-ଭଦ୍ରାସାହି ଲୌହ ଓ ମାଙ୍ଗାନିଜ ଖଣିର ଲିଜ୍ ମିଆଦ ସରିଯାଇଥିବା ବେଳେ ଏଥିରେ ଗଚ୍ଛିତ ଲୁହାପଥର ପରିବହନ କରିବା ନିମନ୍ତେ ଖଣି ବିଭାଗ ଅନୁମତି ପ୍ରଦାନ କରିଥିଲା ୟ ତେବେ ଏକ ତଦନ୍ତ ସମୟରେ ଜାଣିବାକୁ ମିଳିଥିଲା ଯେ, ଖଣି କ□ୁପକ୍ଷଙ୍କୁ ତାଙ୍କର ପୂର୍ବରୁ ଗଚ୍ଛିତ ୩୯୦ନଂ ଷ୍ଟକରେ ଥିବା ଲୁହାପଥର ପରିବହନ ନିମନ୍ତେ ଯୋଡା ଖଣି ବିଭାଗ ପକ୍ଷରୁ ଅନୁମତି ମିଳିଥିବା ବେଳେ ଖଣି ବିଭାଗର ଅଧିକାରୀମାନଙ୍କ ଯା□ ସମୟରେ ଲୁହାପଥର ଷ୍ଟକରୁ ଉଠାନଯାଇ ଅନ୍ୟ ସ୍ଥାନରୁ ପରିବହନ ନୂତନ ଭାବେ ଖୋଳାଯାଇ ପରିବହନ ହେଉଥିବା ଜଣାପଡିଥିଲା ୟ ଏହା ସହିତ ଉଚ୍ଚମାନର ଲୁହାପଥରକୁ ନିମ୍ନମାନର ଦର୍ଶାଯାଇଥିବା ବେଳେ ଏହି ବାବଦକୁ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଥିଲେ ୟ ଅତର୍କିତ ଚଢଉ ସମୟରେ ୧୩ଟି ଟ୍ରକରେ ବୋଝେଇ ହୋଇଥିବା ଲୁହାପଥର ଖଣି ବିଭାଗର ନଜରକୁ ଆସିଥିଲା ୟ ଏହି ଖଣିରୁ ଲୁହାପଥର ପରିବହନ ନିମନ୍ତେ ତୁଳସୀ ଟ୍ରାନ୍ସପୋର୍ଟ ନାମକ ଏକ ପରିବହନ ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ଏହି ପରିବହନ ଠିକା ସଂସ୍ଥା ବେନିୟମ କାର୍ଯ୍ୟ ଚଳାଇଆସିଥିଲା ୟ

## ପାରମ୍ପରିକ କାରୁକାର୍ଯ୍ୟ ପର୍ଯ୍ୟଟନ ଗାଁ ର ମାନ୍ୟତା ପାଇବ ମାମୁଢ଼ିଅ ଗ୍ରାମ



ଆସିକା(ମହାଭାରତ): ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ଦେବଭୂମି ପଞ୍ଚାୟତ ମାମୁଁଢିଅ ଗ୍ରାମ ପାଇବାକୁ ଯାଉଛି ପାରମ୍ପରିକ ପିତଳ କାରୁକାର୍ଯ୍ୟ ଗ୍ରାମର ମାନ୍ୟତା । ଏଥି ପାଇଁ ପ୍ରାଥମିକ ବୈଠକ ଆସିକା ତହସିଲଦାର ସଂଗୀତା ସେନ ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ହୋଇଯାଇଛନ୍ତି । ଆୟୋଜିତ ଗ୍ରାମ ସଭା ରେ ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ଅତିରିକ୍ତ ଉପଜିଲ୍ଲାପାଳ ବିଶ୍ୱ ରଞ୍ଜନ କର,ପୂର୍ବତନ ସମିତି ସଭ୍ୟ ସନ୍ତୋଷ କୁମାର ନାୟକ,ରାଜସ୍ୱ ସୁପରଭାଇଜର ବିଶ୍ୱନାଥ ଲେଙ୍କା,ରାଜସ୍ୱ ନିରୀକ୍ଷକ ବିଷ୍ଣୁ ପ୍ରିୟା ରାଉତ, ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ଆସିକା ବ୍ଲକର ମାମୁଢ଼ିଅ ଗ୍ରାମ ବିଗତ ଶହେ ବର୍ଷ ପୂର୍ବରୁ ପିତଳ ସାମଗ୍ରୀ ରେ ଅନେକ କାରୁକାର୍ଯ୍ୟ ମାଧ୍ୟମ ରେ ଛୋଟ ବଡ଼ ପ୍ରାୟ ୫୦୦ ପ୍ରକାରରୁ ଉର୍ଦ୍ଧ ବିଭିନ୍ନ ପିତଳ ସାମଗ୍ରୀ ନିର୍ମାଣ କରି ସାରା ଓଡ଼ିଶାରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛିୟ ପିତଳ ମୂର୍ତ୍ତି, ଘଣ୍ଟ,ଘଣ୍ଟି,ମନ୍ଦିର ସାମଗ୍ରୀ, ଘରସଜା ସାମଗ୍ରୀ, ପୁରସ୍କାର ସାମଗ୍ରୀ, ସୁନ୍ଦର ସୁନ୍ଦର ଫୁଲ, ସିଂହାସନ, ରଥ, ପିତଳ ଖଟୁଲି ଆଦି ଅନେକ ପ୍ରକାର ସାମଗ୍ରୀ ତିଆରି କରି ନିଜର କୌଳିକ ବୃତି ପରମ୍ପରା ଅନୁସାରେ କାର୍ଯ୍ୟ କରିଆସୁଛନ୍ତି । ପରିବାରର ପୁରୁଷ, ମହିଳା, ପୁଅ, ଝିଅ ମାନେ ମିଳି ମିଶି ଏହି ସୁନ୍ଦର ସୁନ୍ଦର ର ଥାଳିଆ, ଗିନା, ଢାଳ, ଦୀପାଳି, ହାଣ୍ଡି, ମାଠିଆ ଆଦି ତିଆରି କରି ଘର ପ୍ରତି ପୋଷଣ କରୁଛନ୍ତି । ଏହି ପରମ୍ପରିକ କାରୁକାର୍ଯ୍ୟକୁ ପର୍ଯ୍ୟଟନ କ୍ଷେତ୍ର କରିବାକୁ ଆସିକା ତହସିଲଦାର ସଂଗୀତା ସେନ ଚେଷ୍ଟା କରୁଛନ୍ତି ।

## ଅମୃତପୁର ବାଲି ଘାଟରୁ ବଡ ବଡ ଗାଡ଼ି ଦ୍ୱାରା ବାଲି ପରିବହନ ବନ୍ଦ ହେଉ

ହାଟଡିହି ଶନିବାର ଦିନ ଗେଡମା ପ□ାୟତ ର ସାହାପୁର ନିକଟରେ ବାଲି ପରିବହନ କୁ ବିରୋଧ କରି ଆଜି ରାସ୍ତା ଅବରୋଧ ଆରମ୍ଭ ହୋଇଛି। ଗେଡମା ପଞ୍ଚାୟତ ଶାହା ପୁର ନିକଟ ରେ ବିଭିନ୍ନ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କୁ ଧରି ରାସ୍ତା ଅବରୋଧ କରାଯାଇଥିଲା। ଏହାକୁ ନେଇ ପୂର୍ବ ସୂଚନା ଅନୁଯାୟୀ ଆନନ୍ଦପୁର ଉପଜିଲ୍ଲାପାଳ, କେନ୍ଦୁଝର ଜିଲ୍ଲାର ପୋଲିସ , ମାଇନିଙ୍ଗ ଅଧିକାରୀ ମାନଙ୍କୁ ଅବଗତି କରାଯାଇଥିଲା। ସେହି ପ୍ରସ୍ତୁତି ଅନୁଯାୟୀ ସ୍ଥାନୀୟ ଲୋକଙ୍କ ଏବଂ ବିଭିନ୍ନ ବିଦ୍ୟାଳୟ ର ପିଲା ମାନେ ଏହି ବାଲି ପରିବହନ ବିରୋଧ କରିଛନ୍ତି। ବିକ୍ଷୋଭ କାରୀ ଙ୍କ ମୁଖ୍ୟ ଲକ୍ଷ୍ୟ ଥିଲା ଏହି ରାସ୍ତା ରେ ବଡ ବଡ ହଇଓ୍ୱା ବନ୍ଧ ହେଉ, ରାସ୍ତା ମରାମତି ହେଉ, ରାତି ସାତ ପରେ ବାଲି ପରିବହନ ହେଉ। ଏହାକୁ ନେଇ ନିଲାମ ପାଇଥିବା ବ୍ୟକ୍ତି ମାନେ ଲୋକ ଯାହା କହୁଛନ୍ତି ଉପଯୁକ୍ତ ବୋଲି ସହମତି ଜଣାଇ ଥିଲେ। ଏହି ରାସ୍ତା ଅବରୋଧ ସମୟ ରେ ରାମ ଚନ୍ଦ୍ର ପଣ୍ଡା, ବନମାଳୀ ଦାସ, ଧନାଦିଶ ସେନାପତି, ପୂପୁନା ଦାସ, ପ୍ରୀତିଲତା ଦାସ, ପ୍ରକାଶ ଚନ୍ଦ୍ର ଦାସ, ରିନା ରମୀ ପଣ୍ଡା, ଜୟନ୍ତୀ ଦାସ, ତାପସ କୁମାର ଜେନା, ଦାଶରଥି ଜେନା, ଙ୍କ ସହ ବିଭିନ୍ନ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ଏହି ଧାରଣା ଯୋଗ ଦେଇଥିଲେ।

## ଆନ୍ଧ୍ର ବେପାରୀ ହାତରେ ଓଡ଼ିଶା ର ଧାନ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ୍ ରେ ଲାଗିଛି ଆନ୍ଧ୍ର ବ୍ୟବସାୟୀ ଙ୍କ ଗାଡି।ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ଭୁସୁକୁଡି ଗାଁ ପାଖରେ ।ଉପଲଡା ରୁ ଗୁରାଣ୍ଡି ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ରେ ଠିଆ ହୋଇଛି ଆନ୍ଧ୍ର ଗାଡି ଏଥିରେ ଲୋଡ୍ ହେଉଛି ସହ ସହ ଧାନ ବସ୍ତା ଶାଗ ମାଛ ଦରରେ ଆନ୍ଧ୍ର ବେପାରୀ କିଣୁଛନ୍ତି ଧାନ। ଚାଷୀ ଙ୍କ ସୁଚନା ଅନୁଯାଇ ଆଗକୁ ସଙ୍କ୍ରାନ୍ତୀ ରହିଛି ।ଘର ଖର୍ଚ୍ଚ ପାଇଁ ହାତରେ ଟଙ୍କା ନାହିଁୟ ଅଦିନିଆ ବର୍ଷାରେ ଧାନ ସବୁ ନଷ୍ଟ ହୋଇଗଲା। ଯାହା ବଳକା ରହିଛି ଆନ୍ଧ୍ର କୁ ୧୧ଶହ ରୁ ୧୬୦୦ ମଧ୍ୟରେ ବିକ୍ରି କରିବା କହିଛନ୍ତି ଚାଷୀ ।ଗଜପତି ଜିଲ୍ଲା ଗୋଟିଏ ଭାଇଚାରାର ସହର ଏଠାରେ ବିଭିନ୍ନ ଭାଷା ଭାଷୀ ରହୁଥିବା ବେଳେ ତେଲୁଗୁ ସମ୍ପ୍ରଦାୟର ଲୋକ ସଙ୍କ୍ରାନ୍ତୀ କୁ ସେମାନଙ୍କର ନୂଆ ବରଷ ଭାବେ ପାଳନ କରନ୍ତ। ଏହି ସମୟରେ ଘରର ସହ ପରିବାର ନୂଆ ପୋଷାକ ପିନ୍ଧିଥାନ୍ତି ଧୁମ୍ ଧାମରେ ଭୋଜି ଭାତ ଓ ପୂଜାର୍ଚ୍ଚନା କରନ୍ତି। ଏହି ସମୟରେ ଟଙ୍କା ର ଆବଶ୍ୟକତା ରହିଚିୟ ତେଣୁ ଏବେ ଗଜପତି ରେ ଧାନ ମଣ୍ଡି ଖୋଲି ନାହଁୟ ଆଉ ଦିନ କେଇଟା ରହିଲା ସଙ୍କ୍ରାନ୍ତୀ ତେଣୁ ଏଭଳି ଧାନ ବିକ୍ରୀ କରିବା କହିଛନ୍ତି। ଅନ୍ୟପଟେ ଗଜପତି ଜିଲ୍ଲା ପ୍ରଶାସନର ଚାଷୀମାନଙ୍କୁ ସଚେତନତା କରିବା ରେ ଫେଲ୍ ମାରିଛ ବୋଲି ବୁଦ୍ଧି ଜିବି କହିଛନ୍ତି।



# ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଆରମ୍ଭ ହେଲା ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ୨.୦ କାର୍ଯ୍ୟକ୍ରମ

ରାଉରକେଲା,(ମହାଭାରତ):ମହାଭାରତ: ସଭିଙ୍କୁ ମିଳିବ ସ୍ୱପ୍ନର ଘର। ରାଉରକେଲା ସହରାଞ୍ଚଳରେ ରହୁଥିବା ବାସହୀନ ଗରିବ ପରିବାରଙ୍କୁ ପକ୍କା ଘର ଯୋଗାଇବା ଉଦ୍ଦେଶ୍ୟ ନେଇ ଆଜି ରାଉରକେଲା ମହାନଗର ନିଗମ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ)- ୨.୦ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ମାନ୍ୟବର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ୍ ଓରାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ସଚେତନତା ରଥ ଆରଏମସି ମୁଖ୍ୟାଳୟ ସମ୍ମୁଖରୁ ବାହାରିଥିବା ବେଳେ କେନ୍ଦ୍ର ମନ୍ତ୍ରୀ ସବୁଜ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ଏହି ରଥ ସମଗ୍ର ରାଉରକେଲା ସହର ପରିକ୍ରମା କରି ସୂଚନା, ଶିକ୍ଷା ଓ ଯୋଗାଯୋଗ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରାଇବ। ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଥିବା ବିଭିନ୍ନ ବସ୍ତି ଗୁଡ଼ିକରେ ବସ୍ତିବାସିନ୍ଦାଙ୍କୁ ସଚେତନ କରିବା ପାଇଁ ନିୟମିତ ଭାବେ ସ୍ୱତନ୍ତ୍ର ସଚେତନତା ଶିବିରର ମଧ ଆୟୋଜନ କରାଯିବ। ଏହି ଅବସରରେ ଆଜି ସ୍ଥାନୀୟ ପ୍ରଧାନପାଲ୍ଲୀ ଅଞ୍ଚଳରେ ଏକ କ୍ୟାମ୍ପର ଆୟୋଜନ କରାଯାଇଥିଲା। ଆରଏମସିର ଅଧିକାରୀମାନେ ଉପସ୍ଥିତ ରହି ଲୋକମାନଙ୍କୁ ସରକାରଙ୍କ ଏହି ମହ□ାକାଂକ୍ଷୀ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। ଏଥିସହ ସ୍ଥାନୀୟ ବାସିନ୍ଦାମାନେ ଆବଶ୍ୟକୀୟ ଦସ୍ତାବିଜ୍ ସହ ଶିବିରରେ ପହଁଚି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲାଭାର୍ଥି ହେବା ପାଇଁ ଆବେଦନ କରିଥିଲେ। ନିଜସ୍ ଜମି ପଟ୍ଟା ତଥା ଜମି ପ୍ରମାଣପତ୍ର ଥିବା ବ୍ୟକ୍ତି ସରକାରଙ୍କ ଏହି ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ଆବେଦନ କରିପାରିବେ। ସେହିପରି ଭାବେ ନିଜସ୍ ଜମି ନଥିଲେ ମଧ (ପିପିପି) ସରକାରୀ-ଘରୋଇ ସହଭାଗିତାରେ ନିର୍ମାଣ କରାଯାଉଥିବା ସୁଲଭ ବାସଗୃହ ପ୍ରକଳ୍ପରେ ନିଜସ୍ ଗୃହ ନିମନ୍ତେ ଯୋଗ୍ୟ ହିତାଧିକାରୀ ଆବେଦନ କରିପାରିବେ। ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ସୁଲଭ ବାସଗୃହ ପ୍ରକଳ୍ପରେ ମୋଟ ୨୬୦୦ଟି ଗୃହ ନିର୍ମାଣ କରାଯିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି ।ଏଠାରେ ସୂଚନାଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ଯୋଜନାର ପ୍ରଥମ ପର୍ଯ୍ୟାୟରେ ରାଉରକେଲା ସହରାଞ୍ଚଳରେ ୯୦୦ ରୁ ଅଧିକ ହିତାଧିକାରୀ ପକ୍କା ଘର ପାଇ ସାରିଛନ୍ତି। ଏଥିସହ ଛେଣ୍ଡ ଠାରେ ନିର୍ମିତ ସୁଲଭ ବାସଗୃହ ପ୍ରକଳ୍ପରେ ମୋଟ ୫୦୦ଟି ଗୃହ ନିର୍ମାଣ କରାଯାଇଥିବା ବେଳେ ଗୃହ ଆବଣ୍ଟନ ପ୍ରକ୍ରିୟା ମଧ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍ ଶୀଘ୍ର ବସ୍ତି ବାସିନ୍ଦାମାନଙ୍କୁ ସେଠାକୁ ସ୍ଥାନାନ୍ତରଣ କରାଯିବ ।ଆଜିର ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ରାଉରକେଲା ଶ୍ରୀଯୁକ୍ତ ସାରଦା ପ୍ରସାଦ ନାୟକ, ମାନ୍ୟବର ବିଧାୟକ ରଘୁନାଥପାଲି ଶ୍ରୀଯୁକ୍ତ ଦୁର୍ଗା ଚରଣ ତନ୍ତୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଉରକେଲା ମହାନଗର ନିଗମ ଆୟୁକ୍ତ ଶ୍ରୀଯୁକ୍ତ ଆଶୁତୋଷ କୁଲକର୍ଣ୍ଣି, ଯୁଗ୍ମ ଆୟୁକ୍ତ ଶ୍ରୀମତୀ ପଲ୍ଲବୀ ନାୟକ, ଡେପୁଟି କମିଶନର ଶ୍ରୀମତୀ ଅନୀତା ନାୟକ ଓ ତରୁଣ କାନ୍ତ, ସହକାରୀ ଆୟୁକ୍ତ ଶ୍ରୀଯୁକ୍ତ ଅଜିତ କୁମାର ପଟ୍ଟନାୟକ ଓ ଶ୍ରୀଯୁକ୍ତ ଅଭିଷେକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତ ସର୍ବଦା ମାଳଦ୍ୱୀପ ସହିତ ଛିଡା ହୋଇଛି

**ନୂଆଦିଲ୍ଲୀ,୪।୧(ଏଜେନ୍ସି):** ଭାରତ ଏବଂ ମାଳଦ୍ୱୀପ ମଧ୍ୟରେ ଦୀର୍ଘ ଦିନ ଧରି ଚାଲିଥିବା ତିକ୍ତ ସମ୍ପର୍କ ହ୍ରାସ ପାଉଥିବା ଜଣାପଡିଛି । ଭାରତ ଏବଂ ମାଳଦ୍ୱୀପ ଶୁକ୍ରବାର (ଜାନୁୟାରୀ ୩, ୨୦୨୫) ସୀମା ବାଣିଜ୍ୟ ପାଇଁ ସ୍ଥାନୀୟ ମୁଦ୍ରାର ବ୍ୟବହାରକୁ ପ୍ରୋତ୍ସାହିତ କରିବାକୁ ସହମତ ହୋଇଥିଲେ । ଉଭୟ ଦେଶର ବୈଦେଶିକ ମନ୍ତ୍ରୀ ଏନେଇ ସହମତି ଦେଖାଇଛନ୍ତି ଏନେଇ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର କହିଛନ୍ତି ଯେ ଭାରତ ସର୍ବଦା ମାଳଦ୍ୱୀପ ସହିତ ଛିଡା ହୋଇଛି । ଦିଲ୍ଲୀରେ ତାଙ୍କର ମାଳଦ୍ୱୀପ ପ୍ରତିପକ୍ଷ ଅବଦୁଲ୍ଲା ଖଲିଲଙ୍କ ସହ ଏକ ବୈଠକରେ ଜୟଶଙ୍କର ଏହି ମନ୍ତବ୍ୟ ଦେଇଛନ୍ତି । ସାମୁଦ୍ରିକ ସୁରକ୍ଷା, ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ ସହିତ ଅନେକ ପ୍ରମୁଖ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବାର ଉପାୟ ନେଇ ଏସ ଜୟଶଙ୍କର ଏବଂ ଅବଦୁଲ୍ଲା ଖଲିଲଙ୍କ ମଧ୍ୟରେ ଆଲୋଚନା କରାଯାଇଛି । ମାଳଦ୍ୱୀପ ବୈଦେଶିକ ମନ୍ତ୍ରୀ ଅବଦୁଲ୍ଲା ଖଲିଲ ତିନି ଦିନିଆ ଭାରତ ଗସ୍ତରେ ଅଛନ୍ତି । ଜୟଶଙ୍କର କହିଛନ୍ତି, ସୀମା କାରବାର ପାଇଁ ସ୍ଥାନୀୟ ମୁଦ୍ରାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସହମତି ପତ୍ର ସ୍ୱାକ୍ଷରିତ ହୋଇଛି । ଆମେ ବିଭିନ୍ନ କ୍ଷେତ୍ରରେ ଆମର ଯୋଗଦାନ ବୃଦ୍ଧି କରିଛୁ ଏବଂ ମୁଁ କହିବାକୁ ଚାହେଁ ଯେ ଭାରତ ସର୍ବଦା ମାଳଦ୍ୱୀପ ସହିତ ଛିଡା ହୋଇଛି । ମାଳଦ୍ୱୀପର ବୈଦେଶିକ ମନ୍ତ୍ରୀ ଡ. ଖଲିଲ ମାଳଦ୍ୱୀପକୁ ଭାରତ ଯୋଗାଇ ଦେଇଥିବା ଜରୁରୀକାଳୀନ ଆର୍ଥିକ ସହାୟତାକୁ ପ୍ରଶଂସା କରିଥିଲେ । ଭାରତ-ମାଳଦ୍ୱୀପ ବିସ୍ତୃତ ଅର୍ଥନୈତିକ ଏବଂ



ସାମୁଦ୍ରିକ ସୁରକ୍ଷା ଭାଗିଦାରୀ ପାଇଁ ମିଳିତ ଦୂରଦୃଷ୍ଟି ହାସଲ କରିବାରେ ଭାରତ ସରକାରଙ୍କ ସହ ମିଶି କାର୍ଯ୍ୟ କରିବାକୁ ରାଷ୍ଟ୍ରପତି ଡ.ମୁଇଯୁଙ୍କ ପକ୍ଷରୁ ମାଳଦ୍ୱୀପ ସରକାରଙ୍କ ବୈଦେଶିକ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି ବାସ୍ତବରେ ୨୦୨୩ ବର୍ଷ ଶେଷରେ ମାଳଦ୍ୱୀପରେ ଶକ୍ତି ପରିବର୍ତ୍ତନ ହୋଇଥିଲା ନିର୍ବାଚନ ପରେ ମହମ୍ମଦ ମୁଇଜୁ ଦେଶର ନୂତନ ରାଷ୍ଟ୍ରପତି ହୋଇଥିଲେ । ସେ କାର୍ଯ୍ୟଭାର ଗ୍ରହଣ କରିବା ମାତ୍ରେ ମୁଇଜୁ ସେହି ଭାରତୀୟ ସୈନିକମାନଙ୍କୁ ପଠାଇବା ବିଷୟରେ କହିଥିଲେ ଯେଉଁମାନେ ମାଳଦ୍ୱୀପରେ ନିୟୋଜିତ ହୋଇଥିଲେ ଏବଂ ମାଳଦ୍ୱୀପକୁ ସାହାଯ୍ୟ କରୁଥିଲେ୍ୟ ଏହା ପରେ ଭାରତରେ ମଧ୍ୟ ମାଳଦ୍ୱୀପ ବିରୋଧରେ ବିରୋଧ ଆରମ୍ଭ ହୋଇଥିଲା୍ୟ ସୋସିଆଲ ମିଡିଆରେ ବୟକଟ ମାଳଦ୍ୱୀପର ଏକ ଟ୍ରେଣ୍ଡ ଚାଲିଥିଲା ଏବଂ ଲୋକମାନେ ମାଳଦ୍ୱୀପ ବଦଳରେ ଲକ୍ଷଦ୍ୱୀପ ଯିବା କଥା କହୁଥିଲେ । ଲକ୍ଷଦ୍ୱୀପକୁ ପ୍ରାଥମିକତା ଦେବାକୁ ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ଆହ୍ୱାନ କରିଥିଲେ । ଫେବୃଆରୀ ୨୦୨୪ରେ, ଭାରତ ସରକାର ବଜେଟରେ ମାଳଦ୍ୱୀପକୁ ଦିଆଯାଇଥିବା ସହାୟତାକୁ ହ୍ରାସ କରିଥିଲେ। ତେବେ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁ ୪ ଦିନିଆ ଗସ୍ତରେ ଭାରତ ଆସି ଅନେକ ଚୁକ୍ତିନାମା ପାଇଁ ରାଜି ହେବାପରେ ଦୁଇ ଦେଶ ମଧ୍ୟରେ ତିକ୍ତତା ହ୍ରାସ ପାଇବାରେ ଲାଗିଲା ।

# 'ଭୋଟ ଜିହାଦ' ତଦନ୍ତ ମାମଲାରେ ଇଡିକୁ ମିଳିଲା ୨୫୫ ବ୍ୟାଙ୍କ୍ ଆକାଉଣ୍ଟ

**ନୂଆଦିଲ୍ଲୀ,୪।୧(ଏଜେନ୍ସି):** ସାରା ଦେଶରେ ଭୋଟ୍ ଜିହାଦ୍ ମାମଲାର ଅନୁସନ୍ଧାନ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହାର ଅପରେସନ୍ ଅସଲି କୁବେର ରେ ଅନେକ ଆଶ୍ଚର୍ଯ୍ୟଜନକ ତଥ୍ୟ ପାଇଛି । ଇଡି ସୂତ୍ର ଅନୁଯାୟୀ, ଅନୁସନ୍ଧାନକାରୀ ସଂସ୍ଥା ଏହିପରି ୨୫୫ ଟି ବ୍ୟାଙ୍କ ଆକାଉଣ୍ଟ ବିଷୟରେ ସୂଚନା ପାଇଛି, ଯାହା ଆତଙ୍କବାଦୀ ପାଣ୍ଠି ସହିତ ଜଡ଼ିତ । ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଏହା ଏକ ଅର୍ଥ ହେରଫେର ନେଟୱାର୍କ, ଯାହା ରାଜନୈତିକ ଅନୁଷ୍ଠାନ ସହିତ ମଧ୍ୟ ଜଡ଼ିତ ବୋଲି ଅଭିଯୋଗ ହୋଇଛି । ଅର୍ଥ ହେରଫେର ଏବଂ ଭୋଟ୍ ଜିହାଦ୍ ଲିଙ୍କ୍ ମାମଲାର ତଦନ୍ତରେ ନିୟୋଜିତ ଇଡିର ଅଧିକାରୀମାନେ ସେମାନଙ୍କ ଅନୁସନ୍ଧାନରୁ ଜାଣିବାକୁ ପାଇଛନ୍ତି ଯେ ୨୫୫ ଟି ବ୍ୟାଙ୍କ ଆକାଉଣ୍ଟ ମଧ୍ୟରୁ ଅନେକ ଆକାଉଣ୍ଟ ହିନ୍ଦୁ ଯୁବକ-ଯୁବତୀଙ୍କ ନାଁ, ଠିକଣାରେ ଏବଂ ନକଲି ଆଧାରରେ ଭୁଲ ଭାବରେ ଖୋଲାଯାଇଛି । ଏହାକୁ କେବଳ ବିପୁଳ ପରିମାଣର ଟଙ୍କା ସଂଗ୍ରହ ପାଇଁ ବ୍ୟବହାର କରାଯାଉଥିଲା । ପରେ ଏହି ଟଙ୍କାକୁ ବ୍ୟବସ୍ଥିତ ଭାବରେ ଅନ୍ୟ ଅନେକ ଆକାଉଣ୍ଟକୁ ସ୍ଥାନାନ୍ତରିତ କରାଯାଇଛି । ଏହି ୨୫୫ ବ୍ୟାଙ୍କ ଆକାଉଣ୍ଟରେ କିଛି ରାଷ୍ଟ୍ରାୟତ ବ୍ୟାଙ୍କ ମଧ୍ୟ ସାମିଲ ହୋଇଛି। ଇଡି ସୂତ୍ର ଅନୁଯାୟୀ, ଏହି ଆକାଉଣ୍ଟରୁ ଟ୍ରାନ୍ସଫର ହୋଇଥିବା ଅର୍ଥ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଧାର୍ମିକ ରାଜନୀତି ଏବଂ ହିଂସାତ୍ମକ କାର୍ଯ୍ୟ ପାଇଁ ବ୍ୟବହୃତ ହୋଇଛି । ବର୍ତ୍ତମାନ ଏଜେନ୍ସି ଏହି ଆକାଉଣ୍ଟ, ଟ୍ରାନ୍ଜାକ୍ସନ୍ ଏବଂ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଥିବା ଲିଙ୍କ୍ ଖୋଜୁଛି । ଇଡି ଅନୁଯାୟୀ, ଏହି ୨୫୫ ଆକାଉଣ୍ଟରୁ ୩୭୯ କୋଟି ଟଙ୍କା ଉଠାଯାଇଛି, ଯାହା ୨୦୨୪ ବିଧାନସଭା ନିର୍ବାଚନ ସମୟରେ ସାମାଜିକ ବିଦ୍ୱେଷ ପାଇଁ ବ୍ୟବହୃତ ହୋଇଥିଲା। ଧାର୍ମିକ ପ୍ରଚାରକୁ ପ୍ରୋତ୍ସାହିତ କରିବା, ହିନ୍ଦୁ-ମୁସଲମାନ ବିବାଦ ସୃଷ୍ଟି କରିବା ଏବଂ ନିର୍ଦ୍ଧାରିତ ତଥା ନାମମାତ୍ର ଜନଜାତି ଏବଂ ଓବିସି ମଧ୍ୟରେ ଅଶାନ୍ତି ବାଢିବା ପାଇଁ ଏହି ପାଣ୍ଠିର କିଛି ଅଂଶ ଚରମପନ୍ଥୀ ସଂଗଠନକୁ ନଗଦ ଆକାରରେ ଦିଆଯାଇଥିବା ଜଣାପଡ଼ିଛି । ନିକଟରେ ଅନୁଷ୍ଠିତ ନିର୍ବାଚନ ସମୟରେ ରାଜନୈତିକ ଦଳ ସହ ଜଡ଼ିତ ଥିବା କେତେକ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା । ତେବେ ଏଜେନ୍ସି ଅଧିକାରୀମାନେ ଲୋକଙ୍କ ନାଁ ପ୍ରକାଶ କରୁନାହାଁନ୍ତି କାରଣ ଏହି ନାଁ ରାଜନୈତିକ ଦଳ ସହ ଜଡ଼ିତ ଏବଂ ଏହାର ତଦନ୍ତ ଏବେ ଗମ୍ଭୀର ସ୍ଥିତିରେ ରହିଛି ।

# ୨୦୨୪ରେ ସବୁଠୁ ଅଧିକ ସାଇବର ଠକେଇ

**ନୂଆଦିଲ୍ଲୀ,୪।୧(ଏଜେନ୍ସି):** ଅନଲାଇନ ଠକେଇ ପାଇଁ ସାଇବର ଅପରାଧୀଙ୍କ ପ୍ରିୟ ପ୍ଲାଟଫର୍ମ ହ୍ୱାଟସଆପ୍ । ଏହାର ପଛକୁ ରହିଛି ଟେଲିଗ୍ରାମ ଏବଂ ଇନଷ୍ଟାଗ୍ରାମ । ଏହି ସବୁ ସୋସିଆଲ ମିଡିଆକୁ ଠକେଇର ଅସ୍ତ୍ର କରିଛନ୍ତି ସ୍କାମର ।ନିଜର ଜାଲରେ ଫଶାଇ ଲୁଟି ନେଉଛନ୍ତି କୋଟି କୋଟି ଟଙ୍କା । କେନ୍ଦ୍ର ଗୃହମନ୍ତ୍ରଣାଳୟ ଏନେଇ ଜାରି କରିଛି ଆଲର୍ଟ । ୨୦୨୪ ରେ ହୋଇଛି ସବୁଠାରୁ ଅଧିକ ସାଇବର ଠକେଇ୍ୟ ଭାରତ ସହ ପୁରା ଦୁନିଆର ପ୍ରାୟ ୮୫ ଲକ୍ଷ କୋଟି ଟଙ୍କାର ହୋଇଛି ଠକେଇ । କେବଳ ଭାରତରେ ପ୍ରତିଦିନ ୬୦ କୋଟି ଟଙ୍କାର ଷହାଇଛି ସ୍କାମ୍ । ସାଇବର କ୍ରିମିନାଲଙ୍କ ପ୍ରିୟ ସାଇବର ଠକେଇର ବଡ଼ ଅସ୍ତ୍ର ମେସେଜିଂ ଆପ୍ । ନିଜର ଅସ୍ତ୍ର ଭାବରେ ବାଛିଛନ୍ତି ସାଇବର କ୍ରିମିନାଲ । ଗୃହ ମନ୍ତ୍ରାଳୟର ରିପୋର୍ଟ ଅନୁଯାୟୀ, ୨୦୨୪ ର ପ୍ରଥମ ତିନି ମାସରେ ହ୍ୱାଟସଆପ ଜରିଆରେ ସାଇବର ଠକେଇ ସମ୍ପର୍କିତ ମୋଟ ୪୩ ହଜାର ୭୯୭ଟି ଅଭିଯୋଗ ହୋଇଛି । ତା'ପଛକୁ ରହିଛି ଟେଲିଗ୍ରାମ । ଟେଲିଗ୍ରାମ ଜରିଆରେ ୨୨ ହଜାର ୬୮୦ ଠକେଇ ଅଭିଯୋଗ ଏବଂ ଇନଷ୍ଟାଗ୍ରାମ ଜରିଆରେ ୧୯ ହଜାର ୮ ଶହ ଠକେଇ ଅଭିଯୋଗ ହୋଇଛି । ଖାଲି ଏତିକି ନୁହେଁ, ରିପୋର୍ଟରେ ଏହା ବି ମଧ୍ୟ କୁହାଯାଇଛି, ସାଇବର ଠକ ଗୁଗୁଲ ପ୍ଲାଟଫର୍ମ ମଧ୍ୟ ବ୍ୟବହାର କରୁଛନ୍ତି । ଗୁଗୁଲ ବିଜ୍ଞାପନ ପ୍ଲାଟଫର୍ମ ବ୍ୟବହାର କରୁଛନ୍ତି ସାଇବର ଠକ । ସାଇବର ଅପରାଧୀ ମୁଖ୍ୟତଃ ବେକାରୀ, ଗୃହିଣୀ, ଛାତ୍ରଛାତ୍ରୀ, ଅଭାବୀ ଲୋକଙ୍କୁ ଅଧିକ ଟାର୍ଗେଟ କରୁଥିବା ରିପୋର୍ଟରେ ଦର୍ଶାଯାଇଛି । ଗୃହମନ୍ତ୍ରଣାଳୟର କହିବା ଅନୁସାରେ, ଏହି ସ୍କାମକୁ 'ଇନଭେଷ୍ଟମେଣ୍ଟ ସ୍କାମ୍' ଭାବରେ ଜଣାଯାଏ । ଏଥିରେ ବହୁ ପରିମାଣରେ ମନି ଲଣ୍ଡରିଂ ଓ ସାଇବର ସ୍ଲେଭେରୀ ମଧ୍ୟ ରହିଛି । ସାଇବର ଅପରାଧି କ୍ରାଇମ୍ କରିବା ପାଇଁ ସ୍ପନସର୍ଡ ଫେସବୁକ୍ ଆଡ୍ ଜରିଆରେ ବେଆଇନ୍ ଭାବେ ଲୋନ୍ ଦେଉଥିବା ଆପ୍ ଲଞ୍ଚ କରୁଛନ୍ତି । ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ଏଭଳି ଲିଙ୍କକୁ ଚିହ୍ନ କରିଛନ୍ତି । ଦରକାର ପଡିଲେ ଏହାକୁ ଫେସବୁକରୁ ହଟାଇବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥାଏ । ଅନଲାଇନ୍ ପେମେଣ୍ଟର ପ୍ରଚଳନ ବଢିବା ପରେ ଆରମ୍ଭ ହୋଇଛି ଏଭଳି ଠକେଇ ।

# ଭୂକମ୍ପରେ ଥରିଲା ଚିଲୀ

**ନୂଆଦିଲ୍ଲୀ,୪।୧(ଏଜେନ୍ସି):** ଆଜି ସକାଳୁ ଦକ୍ଷିଣ ଆମେରିକୀୟ ଦେଶ ଚିଲୀର କାଲାମା ନିକଟ ଆଣ୍ଟୋଫାଗାସ୍ତା ଅଞ୍ଚଳରେ ବଡଧରଣର ଭୂକମ୍ପ ଅନୁଭୂତ ହୋଇଛି । ଏହାର ତିବ୍ରତା ରିକ୍ଟର ସ୍କେଲରେ ୬.୨ରେକର୍ଡ କରାଯାଇଛି । ଏହି ଭୂକମ୍ପ ବିଷୟରେ ୟୁରୋପୀୟ-ଭୂମଧ୍ୟସାଗରୀୟ ଭୂକମ୍ପ କେନ୍ଦ୍ର ସୂଚନା ଦେଇଛି । ଭୂକମ୍ପର କେନ୍ଦ୍ରସ୍ଥଳ ୮୪ କିଲୋମିଟର ଉତ୍ତର-ପଶ୍ଚିମ ଏବଂ ପୃଥିବୀ ପୃଷ୍ଠରୁ ୧୦୪ କିଲୋମିଟର ଗଭୀରରେ ଥିଲା । ତେବେ ଭୂକମ୍ପ ଯୋଗୁଁ ଚିଲିର ପ୍ରଭାବିତ ଅଞ୍ଚଳରେ କେତେ କ୍ଷୟକ୍ଷତି ହୋଇଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଚିଲିରେ ଭୂକମ୍ପ ଅନୁଭୂତ ହେଉଥିବା ଭିଡିଓ ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ୬.୧ମ୍ୟାଗ୍ନିଚ୍ୟୁଡର ଭୂକମ୍ପରେ ପ୍ରତ୍ୟେକ ଘର କିପରି କମ୍ପିତ ହୋଇଛି ତାହା ସ୍ପଷ୍ଟ ଭାବରେ ଜଣାଯାଉଛି । ତେବେ ଏହି ଭିଡିଓ ଚିଲୀର କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ ।



ତେବେ ପୂର୍ବରୁ ମଧ୍ୟ ଚିଲିରେ ଭୂକମ୍ପ ଅନୁଭୂତ ହୋଇଛି । ଚିଲିରେ ଭାଲଡିଭିଆରେ ଘଟିଥିବା ଭୂକମ୍ପର ତୀବ୍ରତା ୯.୫ ରେକର୍ଡ କରାଯାଇଥିଲା । ଏହି ଭୂକମ୍ପରେ ୧୬୫୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୩୦୦୦ ଲୋକ ଆହତ ହୋଇଥିଲେ । ୨୦୧୦ରେ ଚିଲିରେ ଭୂକମ୍ପରେ ୩୦୦ ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ । ଏହି ଶକ୍ତିଶାଳୀ ଭୂକମ୍ପ ୮.୮ ମ୍ୟାଗ୍ନିଚ୍ୟୁଡର ଥିଲା । ପୃଥିବୀ ଭିତରେ ଉପସ୍ଥିତ ଥିବା ଟେକ୍ଟୋନିକ୍ ପ୍ଲେଟ୍ ଧକ୍କା ହେଲେ ଭୂକମ୍ପରେ କମ୍ପନ ଅନୁଭୂତ ହୁଏ । ସାତୋଟି ପ୍ଲେଟ୍ ପୃଥିବୀ ତଳେ କ୍ରମାଗତ ଭାବରେ ଘୂର୍ଣ୍ଣନ କରେ । ଯେତେବେଳେ ଏହି ପ୍ଲେଟଗୁଡିକ କିଛି ସ୍ଥାନରେ ଧକ୍କା ହୁଏ, ସେଠାରେ ଏକ ତ୍ରୁଟି ରେଖା ଜୋନ୍ ସୃଷ୍ଟି ହୁଏ, ଯେଉଁ କାରଣରୁ ଭୂପୃଷ୍ଠର କୋଣଗୁଡ଼ିକ ବଙ୍କା ହୋଇଯାଏ । ଏହା ଚାପ ସୃଷ୍ଟି କରେ ଏବଂ ପ୍ଲେଟଗୁଡିକ ଭାଙ୍ଗିବା ଆରମ୍ଭ କରେ । ଯେତେବେଳେ ପ୍ଲେଟଗୁଡିକ ଭାଙ୍ଗିଯାଏ, ଭିତରର ଶକ୍ତି ବାହାରକୁ ଆସିବାକୁ ଚେଷ୍ଟା କରେ, ଯେଉଁଥିପାଇଁ ପୃଥିବୀ କମ୍ପିବା ଆରମ୍ଭ କରେ ଏବଂ ଆମେ ଏହାକୁ ଏକ ଭୂମିକମ୍ପ କହିଥାଉ ।

# ଗୁରମିତ ରାମ-ରହିମ୍ଙ୍କର ବଢିଲା ଅଡୁଆ

**ନୂଆଦିଲ୍ଲୀ,୪।୧(ଏଜେନ୍ସି):** ଡେରା ମୁଖ୍ୟ ଗୁରମିତ ରାମ-ରହିମ୍ଙ୍କର ବଢିଲା ମୁସ୍କିଲ । ସୁପ୍ରିମକୋର୍ଟ ୨୩ବର୍ଷ ପୁରୁଣା ହତ୍ୟାକାଣ୍ଡର ଏକ ମାମଲାରେ ମୁକ୍ତ କରାଯିବା ବିରୋଧରେ ସିବିଆଇ ଦ୍ୱାରା ଦାଏର ପିଟିସନରେ, ଡେରା ସଚ୍ଚା ସୌଦା ପ୍ରମୁଖ ଗୁରମିତ ରାମ ରହିମ ସିଂହଙ୍କୁ ନୋଟିସ ଜାରି କରିଛନ୍ତି ଏବଂ ଜବାବ ମାଗିଛନ୍ତି। ଦେଶର ମୁଖ୍ୟ ବିଚାରପତି (ସିଜେଆଇ) ଜଷ୍ଟିସ୍ ସଞ୍ଜିବ ଖାନ୍ନା ଓ ଜଷ୍ଟିସ୍ ସଞ୍ଜୟ କୁମାର ନୋଟିସ ଜାରି କରି ୨୦୦୨ର ମର୍ଡର ମାମଲାରେ ମୁକ୍ତ କରାଯାଇ ଥିବା ଆଉ ୪ଜଣ ଲୋକଙ୍କର ମଧ୍ୟ ଜବାବ ମାଗିଛନ୍ତି। ପଞ୍ଜାବ ଏବଂ ହରିଆଣା ହାଇକୋର୍ଟ ଡେରାର ପୂର୍ବତନ ପ୍ରବନ୍ଧକ ରଣଜିତ ସିଂହଙ୍କ ହତ୍ୟା ମାମଲାରେ, ଗତ ବର୍ଷ ୨୮ମେ ୨୦୨୪ରେ ଗୁରମିତ ସିଂହ ଓ ଗୁରମିତ ସିଂହ ଏବଂ ଆଉ ୪ଜଣଙ୍କୁ ମୁକ୍ତ କରି ଦିଆ ଯାଇଥିଲା, ଯାହା ବିରୋଧରେ ସିବିଆଇ ସୁପ୍ରିମକୋର୍ଟରେ ପିଟିସନ ଦାଏର କରିଛନ୍ତି। ଚିଫ୍ ଜଷ୍ଟିସଙ୍କ ଅଧ୍ୟକ୍ଷତାରେ



ଖଣ୍ଡପୀଠ କହିଛନ୍ତି କି, ଏହି ମାମଲାର ଶୁଣାଣି ପୂର୍ବରୁ ହିଁ ଜଷ୍ଟିସ୍ ବେଲା ଏମ୍ ତ୍ରିବେଦୀଙ୍କ ଅଧ୍ୟକ୍ଷତାର ପୀଠ କରୁଛନ୍ତି । ଏଥିପାଇଁ ଏହି ମାମଲାକୁ ଏବେ ଆଗାମୀ କାର୍ଯ୍ୟବାହୀ ପାଇଁ ତାଙ୍କର ପୀଠର ସାମ୍ନାରେ ଲିଷ୍ଟ କରାଯିବ । ୧୦ଜୁଲାଇ ୨୦୦୨ରେ ହରିଆଣାର କୁରୁକ୍ଷେତ୍ରର ଖାନପୁର କଲୋନୀରେ ରଣଜିତ ସିଂହଙ୍କୁ ଗୁଳି କରି ହତ୍ୟା କରାଯାଇ ଥିଲା । ଏହି ହତ୍ୟାକାଣ୍ଡର କାରଣ ସେହି ଅଜ୍ଞାତ ଚିଠି ସହ ଜଡ଼ିତ , ଯେଉଁଥିରେ ସିରସା ସ୍ଥିତ ଡେରା ମୁଖ୍ୟାଳୟରେ ଗୁରମିତ ରାମ ରହିମଙ୍କ ଦ୍ୱାରା ମହିଳାଙ୍କ ଯୌନ ଶୋଷଣର ଅଭିଯୋଗକୁ ଖୁଲାସା କରାଯାଇ ଥିଲା । ସନ୍ଦେହ ଥିଲା କି, ଡେରାର ତତ୍କାଳୀନ ପ୍ରବନ୍ଧକ ରଞ୍ଜୀତ ସିଂହ ସେହି ଚିଠିର ପ୍ରଚାର ପ୍ରସାର କରାଇ ଥିଲେ । ଏହି ଚିଠିରେ ଏହା ମଧ୍ୟ କୁହାଯାଇ ଥିଲା ଯେ, ଡେରାରେ କେମିତି ମହିଳା ଅନୁଗାମୀଙ୍କ ସହ ଦୁର୍ବ୍ୟବହାର କରାଯାଉ ଥିଲା । ଏହି ଚିଠି ସାର୍ବଜନିକ ହେବା ଓ ଡେରାର ମ୍ୟାନେଜରଙ୍କ ସନ୍ଦିଗ୍ଧ ହତ୍ୟା ପରେ ବଡ଼ ସ୍ତରରେ ଲୋକଙ୍କ ଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ଏହି ମାମଲାରେ ୨୦୨୧ରେ, ପଞ୍ଚକୁଲାର ବିଶେଷ ସିବିଆଇ ଅଦାଲତ ରଣଜିତ ସିଂହଙ୍କ ହତ୍ୟାକାଣ୍ଡରେ ସାମିଲ ହେବା ପାଇଁ ଗୁରମିତ ରାମ ରହିମ ଓ ଆଉ ଅନ୍ୟ ଚାରି ଜଣ - ଅବତାର ସିଂହ , କୃଷ୍ଣ ଲାଲ , ଜସବୀର ସିଂହ ଓ ସବଦିଲ ସିଂହଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଥିଲା । କୋର୍ଟ ସବୁ ୫ଦୋଷୀଙ୍କୁ ଆଜୀବନ କାରାଦଣ୍ଡର ସଜା ଶୁଣାଇ ଥିଲେ ଏବଂ ସମସ୍ତଙ୍କ ଉପରେ ଖୁବ୍ ଜୋରିମନା ମଧ୍ୟ ଲଗାଯାଇ ଥିଲା । ରାମ ରହିମଙ୍କ ଉପରେ ୩୧ ଲକ୍ଷ ଟଙ୍କା, ସବଦିଲ ସିଂହଙ୍କ ଉପରେ ୧.୫୦ ଲକ୍ଷ ଟଙ୍କା , ଜସବୀର ସଂହ ଓ କୃଷ୍ଣଲାଲଙ୍କ ଉପରେ ୧.୨୫ ଲକ୍ଷ ଟଙ୍କା ଓ ଅବତାର ସିଂହଙ୍କ ଉପରେ ୭୫,୦୦୦ଟଙ୍କାର ଜୋରିମନା ଲଗାଯାଇ ଥିଲା।

# ସୀମାରେ ଅନୁପ୍ରବେଶ କରାଉଛି ବିଏସଏଫ୍

**ନୂଆଦିଲ୍ଲୀ,୪।୧(ଏଜେନ୍ସି):** ପଶ୍ଚିମବଙ୍ଗ, ଝାଡଖଣ୍ଡ, ଆଉ ଆଗକୁ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପି ଅନୁପ୍ରବେଶ ପ୍ରସଙ୍ଗକୁ ରାଜନୀତିରେ ବ୍ୟବହାର କରୁଛି । ଏନେଇ ଅନେକ ତର୍କ ବିତର୍କ, ବୟାନବାଜୀ ମଧ୍ୟ ଶୁଣିବାକୁ ମିଳୁଛି । ଏହାରି ଭିତରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଅନୁପ୍ରବେଶକୁ ନେଇ ସଂଗୀନ ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି କି ଦେଶରେ ବଢୁଥିବା ଅନୁପ୍ରବେଶକାରୀ ସଂଖ୍ୟା ପାଇଁ ସୀମା ସୁରକ୍ଷା ବଳ ଦାୟୀ । କେବଳ ସେତିକି ନୁହେଁ ପଶ୍ଚିମବଙ୍ଗରେ ଅସ୍ଥିରତା ଆଣିବାକୁ ବିଏସଏଫକୁ କେନ୍ଦ୍ର ସରକାର ମୋହରା କରିଥିବା ଭଳି ଅଭିଯୋଗ ମମତା ଆଣିଛନ୍ତି। କେବଳ ମମତା ବାନାର୍ଜୀ ନୁହଁନ୍ତି ଟିଏମସି ସାଂସଦ ତଥା ମମତାଙ୍କ ପୁତୁରା ମଧ୍ୟ ବିଭିନ୍ନ ସମୟରେ ଅନୁପ୍ରବେଶକୁ



ନେଇ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛନ୍ତି। ମମତା କହିଛନ୍ତି କି, ଅନୁପ୍ରବେଶ ରୋକିବା କାମ କେନ୍ଦ୍ର ସରକାରଙ୍କର । ହେଲେ ସୀମାରେ ଯେଉଁ କେନ୍ଦ୍ରୀୟ ସୁରକ୍ଷା ବାହିନୀ ରହିଛନ୍ତି ସେମାନେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଭାରତ ଭିତରେ ପଶିବାର ସୁଯୋଗ ଦେଉଛନ୍ତି। ଅଭିଷେକ ବାନାର୍ଜୀ କହିଛନ୍ତି କି, ଦେଶରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା କାହିଁକି ବଢୁଛି ତାହା ଉଣା ଅଧିକେ ଜାଣିଛନ୍ତି । କେନ୍ଦ୍ର ସରକାର ନିର୍ବାଚନ ସମୟରେ ଏହାକୁ ପ୍ରସଙ୍ଗ କରୁଥିଲେ ବି ରାଜ୍ୟ ସରକାରମାନଙ୍କର ପ୍ରଶ୍ନର ଉତ୍ତର ଦେବାକୁ ଡରୁଛନ୍ତି ।

# ସାଧୁ ଚିନ୍ମୟ ଦାସଙ୍କ ଜାମିନ୍ ଆବେଦନ ଖାରଜ

**ଢାକା,୪।୧(ଏଜେନ୍ସି):** ବାଂଲାଦେଶର ହିନ୍ଦୁ ନେତା ତଥା ଇସ୍କନ ସାଧୁ ଚିନ୍ମୟକୃଷ୍ଣ ଦାସଙ୍କୁ ଦେଶଦ୍ରୋହ ଅଭିଯୋଗରେ ନଭେମ୍ବର ୨୫ ତାରିଖରେ ଢାକା ପୁଲିସ୍ ଗିରଫ କରିଥିଲା । ଜାନୁଆରି ୨ ତାରିଖ (ଗୁରୁବାର) ବାଂଲାଦେଶର ଚଟ୍ଟଗ୍ରାମର ଏକ କୋର୍ଟ ଜେଲରେ ଥିବା ହିନ୍ଦୁ ସାଧୁଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଛନ୍ତି । ଢାକାରୁ ଚଟ୍ଟଗ୍ରାମ ଯାଇଥିବା ସୁପ୍ରମକୋର୍ଟର ଏକ ୧୧ ଜଣିଆ ଓକିଲ ଦଳ ଜାମିନ ଆବେଦନକୁ ନେଇ ପ୍ରାୟ ୩୦ ମିନିଟ୍ ଧରି ଯୁକ୍ତି ବାଢିଥିଲେ । ୩୦ ମିନିଟର ଯୁକ୍ତି ପରେ ମେଟ୍ରୋପଲିଟାନ୍ ସେସନ୍ସ



ଜଜ୍ ଏମ ସାଇଫୁଲ ଇସଲାମ ଚିନ୍ମୟ ଦାସଙ୍କ ଜାମିନ୍ ଆବେଦନକୁ ଖାରଜ କରିଛନ୍ତି । ବାଂଲାଦେଶର ପୂର୍ବତନ ଡେପୁଟି ଆର୍ଟର୍ଣ୍ଣି ଜେନେରାଲ ଥିବା ଅପୂର୍ବା କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ''ଆମେ କୋର୍ଟରେ ଆମର ଯୁକ୍ତି ଉପସ୍ଥାପନ କରିଛୁ । କୋର୍ଟ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଆମେ ହାଇକୋର୍ଟକୁ ଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବୁ ।ଦୈନିକ ଷ୍ଟାର ଅନୁଯାୟୀ ଚିନ୍ମୟ କୃଷ୍ଣ ଦାସଙ୍କୁ ଗୁରୁବାର କୋର୍ଟରେ ହାଜର କରାଯାଇ ନାହିଁ । ବାଂଲାଦେଶର ହିନ୍ଦୁ ନେତା ତଥା ଇସ୍କନ ସାଧୁ ଚିନ୍ମୟକୃଷ୍ଣ ଦାସଙ୍କୁ ଦେଶଦ୍ରୋହ ଅଭିଯୋଗରେ ଗିରଫ କରାଯିବା ପରେ ଏହାକୁ ନେଇ ଭାରତ ସମେତ ସାରା ବିଶ୍ୱରେ ଥିବା ହିନ୍ଦୁମାନଙ୍କ ମଧ୍ୟରେ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହା ସତ୍ତ୍ୱେ ବାଂଲାଦେଶ ସରକାର ଚିନ୍ମୟ ଦାସଙ୍କୁ ଏପର୍ଯ୍ୟନ୍ତ ମୁକ୍ତ କରିନାହାନ୍ତି ।

# ଭୋପାଳ ଗ୍ୟାସ ଟ୍ରାଜେଡ଼ିକୁ ୪୦ ବର୍ଷ
## ଫ୍ୟାକ୍ଟ୍ରିରେ ଥିବା ବିଷାକ୍ତ ବର୍ଜ୍ୟବସ୍ତୁକୁ କରାଗଲା ନିଷ୍କାସନ

**ନୂଆଦିଲ୍ଲୀ,୪।୧(ଏଜେନ୍ସି):** ଭୋପାଳ ଗ୍ୟାସ ଟ୍ରାଜେଡିକୁ ପୂରିଛି ୪୦ ବର୍ଷ । ଯେଉଁଥିରେ ଚାଲିଯାଇଥିଲା ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଜୀବନ । ତେବେ ଅଘଟଣର ୪ ଦଶନ୍ଧି ପରେ ଫ୍ୟାକ୍ଟ୍ରିରେ ଥିବା ବିଷାକ୍ତ ବର୍ଜ୍ୟବସ୍ତୁକୁ କରାଯାଇଛି ନିଷ୍କାସନ । ଗତ ଡିସେମ୍ବର ୩ ତାରିଖରେ ମଧ୍ୟପ୍ରଦେଶ ହାଇକୋର୍ଟ ଏହି ବର୍ଜ୍ୟବସ୍ତୁକୁ ତୁରନ୍ତ ନିଷ୍କାସନ କରିବାକୁ ୪ ସପ୍ତାହର ଡେଡଲାଇନ ଦେଇଥିଲେ । ଏହାସହ ରାଜ୍ୟ ସରକାରଙ୍କୁ ଜାନୁଆରୀ ୩ ରେ ରିପୋର୍ଟ ଦେବାକୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ରହିଥିଲା। ତେବେ ୪୦ ବର୍ଷ ପରେ ଶେଷରେ ନିଷ୍କାସନ ହୋଇଛି ଏହି ବିଷାକ୍ତ ପଦାର୍ଥ । ପରିବେଶ ପ୍ରଦୂଷଣ ଯେପରି ନହେବ ସେଥିପାଇଁ ଏହି ବିଷାକ୍ତ ବର୍ଜ୍ୟବସ୍ତୁକୁ ଏକ ୪ ସ୍ତର ବିଶିଷ୍ଟ କଣ୍ଟେନର ମଧ୍ୟରେ ଭର୍ତ୍ତି କରାଯାଇ ନିଆଯାଇଛି ।ଏନେଇ ଗ୍ୟାସ ଟ୍ରାଜେଡି ରିଲିଫ ଏବଂ ରିହାବିଲିଟେସନ ବିଭାଗ ନିର୍ଦ୍ଦେଶକ ସ୍ୱତନ୍ତ୍ର କୁମାର ସିଂ କହିଛନ୍ତି, ୧୨ଟି କଣ୍ଟେନରରେ ସମସ୍ତ ବର୍ଜ୍ୟବସ୍ତୁକୁ ବାହାର କରାଯାଇଛି । ଏଥିପାଇଁ ଏକ ଗ୍ରୀନ କରିଡ଼ର ହୋଇଥିଲା ଗଠନ । ତେବେ ଏସବୁକୁ ଆସନ୍ତା ୯ ମାସ ମଧ୍ୟରେ ଜାଳି ନଷ୍ଟ କରାଯିବା ନେଇ ସେ କହିଛନ୍ତି । ଏହି କାମରେ ପାଖାପାଖି ୧୦୦ ଜଣ ନିୟୋଜିତ ଥିଲେ । ଏଥିସହ ୪୦୦ ଅଫିସରଙ୍କ ସମେତ ୧୦୦ ଜଣ ପୋଲିସ ଏବଂ ଜିଲ୍ଲା ପ୍ରଶାସନ ମଧ୍ୟ ଏହାର ତଦାରଖ କରିଛନ୍ତି । ପ୍ରକାଶ ଥାଉକି, ୧୯୮୪ ମସିହାରେ ମଧ୍ୟପ୍ରଦେଶ ଭୋପାଳରେ ୟୁନିଅନ କାର୍ବାଇଡ୍ ଫ୍ୟାକ୍ଟ୍ରିରେ ବିଷାକ୍ତ ମିଥାଇଲ ଆଇସୋସିଆନେଟ୍ ଲିକ୍ ହୋଇଥିଲା । ଫଳରେ ୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବାବେଳେ ୫ ଲକ୍ଷ ଲୋକ ଏହା ସଂସ୍ପର୍ଶରେ ଆସିଥିଲେ ।

# ଆଶା କରୁଛି ପ୍ରଧାନମନ୍ତ୍ରୀ ଆଜମେର ଦରଘାକୁ ଚଦର ପଠାଇବେ

**ଶ୍ରୀନଗର,୪।୧(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୌଣସି ଚାପ ଆଗରେ ମୁଣ୍ଡ ନୁଆଁଇବେ ନାହିଁ ଏବଂ ଅଜମେର ଦରଗାରେ ଚଦର ପଠାଇବାର ବାର୍ଷିକ ପରମ୍ପରାକୁ ବଜାୟ ରଖିବେ ବୋଲି ଜମ୍ମୁ-କଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଗୁରୁବାର ଆଶା ବ୍ୟକ୍ତ କରିଛନ୍ତି। ଆପଣ ଧର୍ମକୁ ରାଜନୀତିରୁ ଅଲଗା କରିପାରିବେ ନାହିଁ । ଆମେ କହୁଛୁ ଯେ ଚର୍ଚ୍ଚକୁ ରାଷ୍ଟ୍ରରୁ ଅଲଗା କରାଯିବା ଉଚିତ,



କିନ୍ତୁ ଏପରି ହେଉନାହିଁ । ଧର୍ମ ନାଁରେ ଭୋଟ ଲୋଡ଼ାଯାଉଛି, ଧର୍ମ ନାଁରେ ରାଜନୀତି କରାଯାଉଛି । ଏହା ଏକ ସତ୍ୟ ଯାହାକୁ ଆମକୁ ଗ୍ରହଣ କରିବାକୁ ପଡିବ ତେବେ ମୁଁ ଆଶା କରୁଛି ଯେ ପ୍ରଧାନମନ୍ତ୍ରୀ କୌଣସି ଚାପ ଆଗରେ ମୁଣ୍ଡ ନ ନୁଆଁଇ ଅଜମେର ଦରଗାକୁ ଚଦର ପଠାଇବେ । ଜାନୁଆରୀ ୨ ତାରିଖ ସନ୍ଧ୍ୟା ୬ଟାରେ ପ୍ରଧାନମନ୍ତ୍ରୀ ମୋଦୀ କେନ୍ଦ୍ର ମନ୍ତ୍ରୀ କିରଣ ରିଜିଜୁଙ୍କୁ ଚଦର ହସ୍ତାନ୍ତର କରିବେ । ୮୧୩ତମ ଉର୍ସ ଅବସରରେ ଖୱାଜା ମୋଇନୁଦ୍ଦିନ ଚିସ୍ତିଙ୍କୁ ଏହି ଚଦର ଅର୍ପଣ କରାଯିବ । ପ୍ରଧାନମନ୍ତ୍ରୀ ହେବା ପରେ ମୋଦୀ ପ୍ରତିବର୍ଷ ଚଦର ପଠାଉଛନ୍ତି । ଅବଦୁଲ୍ଲା କହିଛନ୍ତି ଯେ ଅଜମେର ଦରଗାରେ ବିଭିନ୍ନ ସମ୍ପ୍ରଦାୟର ସଦସ୍ୟଙ୍କ ସହ ଭାବନା ଜଡ଼ିତ ଅଛି । କେବଳ ଗୋଟିଏ ଧର୍ମର ଲୋକ ଅଜମେର ଦରଗାକୁ ଯାଆନ୍ତି ତାହା ନୁହେଁ। କେବଳ ମୁସଲମାନ ନୁହେଁ, ଅନେକ ଅଣମୁସଲମାନ ମଧ୍ୟ ଦରଗାକୁ ଯାଆନ୍ତି । ଏହା ସହ ଅନେକ ଲୋକଙ୍କ ଭାବନା ଜଡ଼ିତ ରହିଛି । ସୌଭାଗ୍ୟବଶତଃ ଯେଉଁମାନେ ମସଜିଦ ତଳେ ମନ୍ଦିର ଖୋଜିବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କୁ ସୁପ୍ରିମକୋର୍ଟ ନିଷିଦ୍ଧ କରିଛନ୍ତି ।

# ସରକାରୀ ସ୍କୁଲରେ ପାଠ ଛାଡିଛନ୍ତି ୧୬ ଲକ୍ଷ ବାଳିକା

**ନୂଆଦିଲ୍ଲୀ,୪।୧(ଏଜେନ୍ସି):** ଗୋଟିଏ ପଟେ ସରକାର ସ୍ଲୋଗାନ ଦେଇଛନ୍ତି ଯେ 'ବେଟି ପାଓ ବେଟି ବଚାଓ' ଅନ୍ୟପଟେ ଗୋଟିଏ ବର୍ଷରେ ୧୬ ଲକ୍ଷ ବାଳିକା ବିଦ୍ୟାଳୟ ଛାଡିଛନ୍ତି । ଶିକ୍ଷା ମନ୍ତ୍ରଣାଳୟର ୟୁନିଫାଏଡ୍ ଜିଲ୍ଲା ସୂଚନା ବ୍ୟବସ୍ଥା ଶିକ୍ଷା (ୟୁଡିଆଇଏସଇ) ୨୦୨୩-୨୪ ଶିକ୍ଷାବର୍ଷରେ ବିଦ୍ୟାଳୟରେ ନାମଲେଖା ହ୍ରାସ ହୋଇଥିବା ରିପୋର୍ଟ କରିଛି । ସାରା ଦେଶରେ ସ୍କୁଲ ଶିକ୍ଷା ନାମଲେଖାରେ ୩୭ ଲକ୍ଷରୁ ଅଧିକ ହ୍ରାସ ଘଟିଛି । ଏସସି, ଏସଟି, ଓବିସି ଏବଂ ବାଳିକା ବର୍ଗରେ ଏହି ହ୍ରାସ ସର୍ବାଧିକ । ୨୦୨୨-୨୩ ବର୍ଷ ତୁଳନାରେ ୨୦୨୩-୨୪ ବର୍ଷରେ ବିଦ୍ୟାଳୟ ଶିକ୍ଷା ବିଭାଗର ବିଭିନ୍ନ ବର୍ଗରେ ଏହି ହ୍ରାସ ରେକର୍ଡ କରାଯାଇଛି । ମାଧ୍ୟମିକ ଅଧୀନରେ, ୯ ମ ଶ୍ରେଣୀରୁ ଦ୍ୱାଦଶ ପର୍ଯ୍ୟନ୍ତ ଏହି ହ୍ରାସ ୧୭ ଲକ୍ଷରୁ ଅଧିକ । ଅବଶ୍ୟ ପ୍ରି-ପ୍ରାଇମେରୀ ନାମଲେଖାରେ ଏକ ବୃଦ୍ଧି ରେକର୍ଡ କରାଯାଇଛି ।

# ଗାଡ଼ିର ଚାଲାଣ ବାରମ୍ବାର କଟିଲେ ବାତିଲ୍ ହୋଇଯିବ ଡ୍ରାଇଭିଂ ଲାଇସେନ୍ସ

**ନୂଆଦିଲ୍ଲୀ,୪।୧(ଏଜେନ୍ସି):** ଦିନକୁ ଦିନ ଯାନବାହାନର ଚଳାଚଳ ବଢ଼ିବା କାରଣରୁ ରାସ୍ତାଘାଟରେ ଦୁର୍ଘଟଣା ମାମଲା ମଧ୍ୟ ବଢ଼ିବାରେ ଲାଗିଛି । ତେଣୁ ଦୁର୍ଘଟଣାକୁ ରୋକିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ନିୟମିତ ବ୍ୟବଧାନରେ ଲୋକଙ୍କୁ ସଚେତନ କରାଯାଇଥାଏ । ଟ୍ରାଫିକ ନିୟମ ଉଲ୍ଲଂଘନ କାରଣରୁ ଲୋକଙ୍କର ଚାଲାଣ କଟାଯାଇ ଫାଇନ୍ ଆଦାୟ କରାଯାଇଥାଏ । ତେବେ ଅନେକ ଲୋକଙ୍କର ଟ୍ରାଫିକ୍ ଚାଲାଣ କଟିଲେ ମଧ୍ୟ ସେମାନେ ବାରମ୍ବାର ଏଭଳି ଭୁଲ୍ କରିଥାନ୍ତି । ତେଣୁ ଏଭଳି ନିୟମ ଖିଲାପକାରୀଙ୍କ ପାଇଁ ଲାଗୁ କରାଯାଇଛି ଏକ ବଡ଼ ନିୟମ । ସୂଚନା ମୁତାବକ, ଯେଉଁମାନଙ୍କର ବାରମ୍ବାର ଟ୍ରାଫିକ ଚାଲାଣ କଟୁଥିବ, ଏଣିକି ସେମାନଙ୍କର ଡ୍ରାଇଭିଂ ଲାଇସେନ୍ସ ବାତିଲ୍ କରି ଦିଆଯିବ । ଉତ୍ତର ପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ଏଭଳି କଠୋର ନିୟମ ଲାଗୁ କରିଛନ୍ତି । ସଡ଼କ ସୁରକ୍ଷା ପରିଷଦର ବୈଠକ ଅବସରରେ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ଏପରି ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ପ୍ରୟାଗରାଜ ମହାକୁମ୍ଭ ପାଇଁ ଯାତାୟାତ ବ୍ୟବସ୍ଥା ଉପରେ ଜୋର ଦିଆଯାଇଥିଲା । ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ସଡ଼କ ସୁରକ୍ଷା ସମିତିର ବୈଠକ ଆୟୋଜିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏଥିସହିତ ସଡ଼କ ସୁରକ୍ଷା ପାଇଁ ଓଭରଲୋଡିଂ ହୋର୍ଡିଂସ, ଇ-ରିକ୍ସା ଓ ନାବାଳକଙ୍କ ଡ୍ରାଇଭିଂ ଉପରେ ରୋକ, କ୍ରେନ ସେବା, ରୋଡ଼ ସେଫଟୀ ପାର୍କକୁ ନେଇ ମଧ୍ୟ ମୁଖ୍ୟମନ୍ତ୍ରୀ ଅନ୍ୟ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ ।

# ଶେଷ ଟେଷ୍ଟ କିଏ ମାରିବ ବାଜି ?



**ସିଡନୀ,୪।୧ :** ଚଳିତ ବର୍ଡର-ଗାଭାସ୍କର ଟ୍ରଫିର ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ସିଡନୀରେ ଖେଳା ଯାଉଥିବା ବେଳେ ଏହା ରୋମାଞ୍ଚକର ସ୍ଥିତିରେ ପହଞ୍ଚିଛି। ଗତକାଲି ଭାରତ ପ୍ରଥମ ଇନିଂସରେ ମାତ୍ର ୧୮୫ ରନ୍ କରି ଅଲଆଉଟ୍ ହୋଇଯାଇଥିବା ବେଳେ ଆଜି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୮୧ ରନ୍ କରି ଅଲଆଉଟ୍ ହୋଇଯାଇଛି। ଅନ୍ୟପକ୍ଷରେ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଭାରତ ଆଜି ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୧୪୧ ରନ୍ କରି ୬ ୱିକେଟ୍ ହରାଇ ସାରିଛି। ତେଣୁ ଆସନ୍ତାକାଲି ତୃତୀୟ ଦିବସରେ ମ୍ୟାଚର ପରିଣାମ ଆସିଯିବ ବୋଲି ଆଶା କରାଯାଉଛି। ତେବେ କିଏ ମାରିବ ବାଜି, ତାକୁ ସମସ୍ତେ ଅପେକ୍ଷା କରିଛନ୍ତି।

ଭାରତର ୧୮୫ ରନର ଜବାବରେ ଅଷ୍ଟ୍ରେଲିଆ ଗତକାଲି ପ୍ରଥମ ଇନିଂସରେ ଗୋଟିଏ ୱିକେଟ୍ ହରାଇ ୯ ରନ୍ କରିଥିବା ବେଳେ ଷ୍ଟମ୍ପ ଅପସାରଣ କରି ନିଆଯାଇଥିଲା। ଆଜି ଇନିଂସକୁ ଆଗେଇ ନେବାକୁ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆର ବ୍ୟାଟରମାନଙ୍କ ମଧ୍ୟରୁ ବଉ ୱେବଷ୍ଟରଙ୍କ ବ୍ୟତୀତ ଅନ୍ୟ କେହି ଦୀର୍ଘ ସମୟ ଧରି କ୍ରିଜରେ ତିଷ୍ଠି ପାରି ନଥିଲେ।

ମାର୍ନସ ଲାବୁଶେନ ମାତ୍ର ୨ ରନ୍ କରି ଆଉଟ୍ ହୋଇଥିବା ବେଳେ ଟ୍ରାଭିସ ହେଡ୍ ୪, ସାମ କୋନଷ୍ଟାସ ୨୩ (୩୮ ବଲ୍), ଆଲେକ୍ସ କେରୀ ୨୧(୩୬ ବଲ୍), ପାଟ୍ କମିନ୍ସ ୧୦ (୨୦ ବଲ୍), ମିଚେଲ ଷ୍ଟାର୍କ ୧ (୪ ବଲ୍) ଓ ସ୍କଟ ବୋଲାଣ୍ଡ ୯ ରନ୍ (୯ ବଲ୍) କରି ଆଉଟ୍ ହୋଇଥିଲେ। ଷ୍ଟିଭ୍ ସ୍ମିଥ୍ ୫୭ଟି ବଲରୁ ୩୩ ରନ୍ କରି ପ୍ରସିଦ୍ଧ କୃଷ୍ଣଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ। ୱେବଷ୍ଟର ସର୍ବାଧିକ ୧୦୫ଟି ବଲ୍ ଖେଳିବାକୁ ସମର୍ଥ ହୋଇଥିବା ବେଳେ ୫ଟି ଚୌକା ସହାୟତାରେ ୫୭ ରନ୍ ସଂଗ୍ରହ କରିଥିଲେ। ନାଥନ ଲିୟନ ୭ ରନ୍ (୧୭ ବଲ୍) କରି ଅପରାଜିତ ରହିଥିଲେ। ୫୧ ଓଭରରେ ୧୮୧ ରନ୍ କରି ପୂରା ଟିମ୍ ପ୍ୟାଭିଲିଅନକୁ ଫେରି ଯାଇଥିଲା।

ଏହା ପରେ ଦ୍ୱିତୀୟ ଇନିଂସ ବ୍ୟାଟିଂ କରିବାକୁ ପଡ଼ିଆକୁ ଆସିଥିବା ଟିମ୍ ଇଣ୍ଡିଆ କିଛି ନୂଆ କରିପାରି ନଥିଲା। ପୁଣି ଥରେ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୭.୩ ଓଭରରେ ପ୍ରଥମ ୱିକେଟ ହରାଇଥିଲା ଦଳ। କେଏଲ ରାହୁଲ ୧୩ ରନ୍ କରିଥିବା ବେଳେ ସ୍କଟ ବୋଲାଣ୍ଡଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଏହା ପରେ କିଛି କିଛି ଓଭର ବ୍ୟବଧାନରେ ଦଳର ଗୋଟିଏ ପରେ ଗୋଟିଏ ୬ଟି ୱିକେଟ୍ ପଡ଼ିଥିଲା। ଆଉଟ୍ ହୋଇଥିବା ବ୍ୟାଟରଙ୍କ ମଧ୍ୟରେ ସବୁଠୁ ଭଲ ଖେଳିଥିଲେ ଋଷଭ ପନ୍ତ। ସେ ୩୩ଟି ବଲ୍ରୁ ୬ ଚୌକା ଓ ୪ ଛକା ସହାୟତାରେ ୬୧ ରନ୍ କରିଥିଲେ। ପାଟ୍ କମିନ୍ସଙ୍କ ବଲରେ ଆଲେକ୍ସ କେରୀଙ୍କ ହାତରେ ସେ କ୍ୟାଚ୍ ଆଉଟ୍ ହୋଇଥିଲେ। ଯଶସ୍ୱୀ ଜୈସୱାଲ ୩୫ଟି ବଲରୁ ୨୨ ରନ୍ କରିଥିବା ବେଳେ ରାହୁଲ ୧୩, ଶୁବମନ ଗିଲ ୧୩, ବିରାଟ କୋହଲି ୬ ଓ ନୀତୀଶ କୁମାର ରେଡ୍ଡୀ ୪ ରନ୍ କରି ଆଉଟ୍ ହୋଇଯାଇଥିଲେ।

ରବୀନ୍ଦ୍ର ଜାଡେଜା ୮ ରନ୍ (୩୯ ବଲ୍) ଓ ୱାଶିଂଟନ ସୁନ୍ଦର ୬ ରନ୍ (୧୭ ବଲ୍) କରି ଅପରାଜିତ ଅଛନ୍ତି। ଜାଡେଜାଙ୍କଠାରୁ ଦଳ ଏକ ଭଲ ଇନିଂସ ଆଶା କରୁଛି। ଭାରତର ସ୍କୋର ଏହି ଦୁଇ ଜଣଙ୍କ ସହିତ ଯଶପ୍ରୀତ ବୁମ୍ରା, ମହମ୍ମଦ ସିରାଜ ଓ ପ୍ରସିଦ୍ଧ କୃଷ୍ଣଙ୍କ ଉପରେ ନିର୍ଭର କରୁଛି। ଅନ୍ୟପକ୍ଷରେ ଏହି ମ୍ୟାଚ୍ ଜିତାଇବାର ଦାୟିତ୍ୱ ଏବେ ବୋଲରମାନଙ୍କ କାନ୍ଧକୁ ଯାଇଛି। ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆକୁ ଯେଉଁଭଳି ବୋଲିଂ କରି ଧରାଶାୟୀ କଲେ, ତା'ଠାରୁ ବି ଅଧିକ ପ୍ରଭାବଶାଳୀ ବୋଲିଂ କଲେ ହୁଏତ ଭାରତ ଏହି ମ୍ୟାଚ୍ ଜିତି ସିରିଜକୁ ୨-୨ରେ ବରାବର ସ୍ଥିତିକୁ ନେଇଯାଇପାରେ।

# ପରସ୍ପରକୁ 'ଅନଫଲୋ' କଲେ ଧନଶ୍ରୀ-ଚହଲ

**ନୂଆଦିଲ୍ଲୀ,୪।୧ (ଏଜେନ୍ସି) :** ଅଭିନେତ୍ରୀ ତଥା କୋରିଓଗ୍ରାଫର ଧନଶ୍ରୀ ବର୍ମା ଏବଂ ଭାରତୀୟ କ୍ରିକେଟର ଯୁଜବେନ୍ଦ୍ର ଚହଲ ପରସ୍ପରଠାରୁ ଅଲଗା ହେବେ ବୋଲି କିଛି ବର୍ଷ ହେଲାଣି ଚର୍ଚ୍ଚା ହେଉଛି। ଏହି ଚର୍ଚ୍ଚା ମଧ୍ୟରେ ଏବେ ଦମ୍ପତି ଇନଷ୍ଟାଗ୍ରାମରେ ପରସ୍ପରକୁ ଅନଫଲୋ କରିଛନ୍ତି।



ଅନଫଲୋ କରିବା ସହ ଭାରତୀୟ କ୍ରିକେଟର ଯୁଜବେନ୍ଦ୍ର, ଧନଶ୍ରୀଙ୍କ ସହିତ ସମସ୍ତ ଫଟୋ ମଧ୍ୟ ଡିଲିଟ୍ କରିଦେଇଛନ୍ତି। ଅନ୍ୟପକ୍ଷରେ ଧନଶ୍ରୀ, ଯୁଜବେନ୍ଦ୍ରଙ୍କୁ ଅନଫଲୋ କରିଛନ୍ତି କିନ୍ତୁ ତାଙ୍କ ସହିତ କୌଣସି ଫଟୋ ଡିଲିଟ୍ କରିନାହାଁନ୍ତି। ଦୁହିଁଙ୍କ ସହ ଜଡ଼ିତ ଥିବା ଜଣେ ବ୍ୟକ୍ତି ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଛାଡ଼ପତ୍ର ନେଇ ହେଉଥିବା ଚର୍ଚ୍ଚା ସତ। ଛାଡ଼ପତ୍ର ହେବା ନିଶ୍ଚିତ। ଏହା କେବଳ ସମୟର କଥା। କିଛି ଦିନ ମଧ୍ୟରେ ଦୁହେଁ ଏହା ଘୋଷଣା କରିବେ। ଦୁହେଁ ଅଲଗା ହେବାର ସଠିକ୍ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। କିନ୍ତୁ ଏହା ସ୍ପଷ୍ଟ ଯେ ଏହି ଦମ୍ପତି ଅଲଗା ହେବାକୁ ନିଷ୍ପତ୍ତି ନେଇସାରିଛନ୍ତି।

ଏଭି ଚର୍ଚ୍ଚା ୨୦୨୨ରୁ ଆରମ୍ଭ ହେଲାଣି। ଧନଶ୍ରୀ ନିଜ ନାମରୁ ଚହଲ ଉପନାମ ହଟାଇବା ପରେ ଛାଡ଼ପତ୍ର ଚର୍ଚ୍ଚା ଆରମ୍ଭ ହୋଇଥିଲା।

# ଟେଷ୍ଟରୁ ମୁଁ ଅବସର ନେଇ ନାହିଁ



**ନୂଆଦିଲ୍ଲୀ,୪।୧ (ଏଜେନ୍ସି) :** ସିଡନୀ ଟେଷ୍ଟ ଆରମ୍ଭ ହେବା ପୂର୍ବରୁ ସ୍ଥିର ହୋଇଥିଲା ଯେ ଭାରତୀୟ ଦଳର ନିୟମିତ ଅଧିନାୟକ ରୋହିତ ଶର୍ମା ଏହି ମ୍ୟାଚ୍ ଖେଳିବେ ନାହିଁ। ଜାନୁଆରି ୩ରେ ସିଡନୀ ଟେଷ୍ଟ ଆରମ୍ଭ ହେବାର ଗୋଟିଏ ଦିନ ପୂର୍ବରୁ ରୋହିତ ଶର୍ମାଙ୍କୁ ହଟାଯାଇ କ୍ରିକେଟର ଜସପ୍ରୀତ ବୁମରାଙ୍କୁ ଦଳର ଅଧିନାୟକ କରାଯାଇଥିଲା। ଏହି ଘୋଷଣା ପରେ ଆଗକୁ ରୋହିତ ଟେଷ୍ଟ ମ୍ୟାଚ୍ ଖେଳିବେ ନାହିଁ। ଏହା ତାଙ୍କର ଶେଷ ମ୍ୟାଚ୍ ଥିଲା ବୋଲି ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏମିତି କି ରୋହିତ ଟେଷ୍ଟ କ୍ରିକେଟରୁ ଅବସର ନେବେ ବୋଲି ମଧ୍ୟ ଚର୍ଚ୍ଚା ହୋଇଥିଲା। ଏବେ ଏସବୁ ଚର୍ଚ୍ଚା ଉପରେ ବିରାମ ଲଗାଇଛନ୍ତି ରୋହିତ।

ଭାରତ ବନାମ ଅଷ୍ଟ୍ରେଲିଆ ସିଡନୀ ଟେଷ୍ଟର ଦ୍ୱିତୀୟ ଦିନରେ ମଧ୍ୟାହ୍ନ ଭୋଜନ ବିରତି ସମୟରେ ରୋହିତ ଶର୍ମା ତାଙ୍କ ଅବସରକୁ ନେଇ ହେଉଥିବା ଚର୍ଚ୍ଚା ଉପରେ ଷ୍ଟାର ସ୍ପୋର୍ଟସକୁ ସାକ୍ଷାତକାର ଦେଇ କହିଥିଲେ ଯେ, ମୁଁ ଅବସର ନେଉ ନାହିଁ। ଏବେ ମୁଁ କ୍ରିକେଟ୍ ଖେଳରୁ ଦୂରେଇ ଯାଉନାହିଁ। ମୋର ପ୍ରଦର୍ଶନ ଭଲ ନଥିବାରୁ ମୁଁ ଏବେ ମ୍ୟାଚରୁ ବାଦ୍ ପଡ଼ିଛି। ୫ମାସ ପରେ ବି ମୋ ପ୍ରଦର୍ଶନ ଖରାପ ଥିବ ବୋଲି କିଛି ମାନେ ନାହିଁ। କ୍ରିକେଟରେ ଆମେ ବହୁତ ଜିନିଷ ଦେଖିଛୁ। ପ୍ରତି ସେକେଣ୍ଡରେ ସବୁ ବଦଳିଯାଏ। ମୋର ବିଶ୍ୱାସ ଅଛି ଯେ, ମୁଁ ଆଗକୁ ଭଲ ଖେଳିବି।

# ବିଚାରପତିମାନଙ୍କ ବ୍ୟାଡମିଣ୍ଟନ ପ୍ରତିଯୋଗିତା

**କଟକ,୪।୧ (ଏଜେନ୍ସି) :** କଟକରେ ଆରମ୍ଭ ହେଲା ପ୍ରଥମ ସର୍ବଭାରତୀୟ ବିଚାରପତି ବ୍ୟାଡମିଣ୍ଟନ ପ୍ରତିଯୋଗିତା। ଓଡ଼ିଶା ହାଇକୋର୍ଟ ପକ୍ଷରୁ କଟକ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଦୁଇ ଦିନ ବ୍ୟାପୀ ସର୍ବଭାରତୀୟ ବିଚାରପତିମାନଙ୍କ ବ୍ୟାଡମିନ ପ୍ରତିଯୋଗିତା ଖେଳାଯିବ। ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ହାଇକୋର୍ଟରୁ ୨୦ ଜଣ ବିଚାରପତି ଅଂଶ ଗ୍ରହଣ କରିଛନ୍ତି। ସେଥିମଧ୍ୟରୁ ଓଡ଼ିଶା ହାଇକୋର୍ଟର ୮ ଜଣ ବିଚାରପତି ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି।



ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରି ଶରଣ ସିଂ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଦେଶରେ ପ୍ରଥମ ଥର ପାଇଁ ଓଡ଼ିଶା ହାଇକୋର୍ଟ ପକ୍ଷରୁ ସର୍ବ ଭାରତୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଆଗାମୀ ଦିନରେ ଆହୁରି ଅଧିକ ସଂଖ୍ୟକ ହାଇକୋର୍ଟର ବିଚାରପତିଙ୍କୁ ଏହି ଭଳି ପ୍ରତିଯୋଗିତାରେ ସାମିଲ କରାଯିବ। ପ୍ରତିଦିନ କର୍ମମୟ ଜୀବନରେ ମାମଲା ବିଚାର କରିବାର ବ୍ୟସ୍ତତା ରହିଥାଏ। ତେଣୁ କର୍ତ୍ତବ୍ୟ ମଧ୍ୟରେ ବ୍ୟାଡମିଣ୍ଟନ ଖେଳିବାର ଗୋଟିଏ ସୁଯୋଗ ବିଚାରପତିମାନଙ୍କ ମଧ୍ୟରେ ଏକ ଖୁସି ଆଣିଥାଏ। ଏହାବ୍ୟତୀତ ଭାଇଚାରାକୁ ବୃଦ୍ଧି କରିବାର ଏହା ଏକ ମାଧ୍ୟମ। ତେଣୁ ଆଗାମୀ ଦିନରେ ଓଡ଼ିଶା ହାଇକୋର୍ଟ ଭଳି ଅନ୍ୟ ରାଜ୍ୟରେ ଏହି ପ୍ରତିଯୋଗିତା ଆୟୋଜନ ହେଲେ ବିଚାରପତିମାନେ ଅଧିକ ମାତ୍ରାରେ ଅଂଶ ଗ୍ରହଣ କରିବେ ବୋଲି କହିଛନ୍ତି ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ ସାବିତ୍ରୀ ରଥ। ପ୍ରଥମ ଥର ପାଇଁ ଆୟୋଜିତ ଏହି ଟୁର୍ନାମେ ରେ ଭାଗନେଇ ଅନ୍ୟ ହାଇକୋର୍ଟ ବିଚାରପତିମାନେ ଆନନ୍ଦ ଅନୁଭବ କରିବା ସହ ଆୟୋଜନକୁ ନେଇ ବେଶ ସନ୍ତୋଷ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଅନ୍ୟ ହାଇକୋର୍ଟମାନେ ଏହି ପ୍ରତିଯୋଗିତା ଆୟୋଜନ କରିବେ ବୋଲି ଝାଡ଼ଖଣ୍ଡ ହାଇକୋର୍ଟର ବିଚାରପତି ଜଷ୍ଟିସ ଆନନ୍ଦ ସେନ କହିଛନ୍ତି। ଆଜିର ଏହି ଉଦଘାଟନ ଉତ୍ସବରେ ଓଡ଼ିଶା ହାଇକୋର୍ଟର ସମସ୍ତ ବିଚାରପତି ଓ ବରିଷ୍ଠ ବିଚାର ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

# କ୍ରିକେଟର କରୁଣ ନାୟାରଙ୍କ ବିଶ୍ୱ ରେକର୍ଡ

**ମୁମ୍ବାଇ,୪।୧ (ଏଜେନ୍ସି) :** ଇତିହାସ ରଚିଛନ୍ତି କରୁଣ ନାଏର। ଏକଦା ଭାରତୀୟ ଟିମରେ ଖେଳୁଥିବା କରୁଣ ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ୩୦୦ ରନର ଇନିଂସ ଖେଳିଥିଲେ। ସେ ବାରମ୍ବାର ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରିଥିଲେ ହେଁ ଭାରତୀୟ ଟିମରେ ତାଙ୍କୁ ଅଣଦେଖା କରାଯାଇଛି। ଏସବୁ ଭିତରେ କରୁଣ ବିଶ୍ୱ ରେକର୍ଡ କରିଛନ୍ତି।

ସେ ଲିଷ୍ଟ ଏରେ ଆଉଟ ନ ହୋଇ ସର୍ବାଧିକ ରନ କରିବାର ବିଶ୍ୱ ରେକର୍ଡ ନିଜ ନାଁରେ କରିଛନ୍ତି। ଆଜି ସେ ବିଜୟ ହଜାରେ ଟ୍ରଫିରେ ଦମଦାର ଇନିଂସ ଖେଳି ଉତ୍ତର ପ୍ରଦେଶ ବିପକ୍ଷରେ ବିଦର୍ଭକୁ ୮ ୱିକେଟରେ ବିଜୟ ଭେଟି ଦେଇଛନ୍ତି।

ଆଜିର ମ୍ୟାଚ୍ ବିଜୟୀ ଇନିଂସ ପରେ କରୁଣ ନାଏର ନ୍ୟୁଜିଲ୍ୟାଣ୍ଡର ଜେମ୍ସ ଫ୍ରାଙ୍କଲିନ ୨୦୧୦ରେ କରିଥିବା ବିଶ୍ୱ ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ୨୦୧୦ରେ ଫ୍ରାଙ୍କଲିନ ବିନା ଆଉଟରେ ବିଭିନ୍ନ ଲିଷ୍ଟ ଏ ମ୍ୟାଚରେ ସର୍ବାଧିକ ୫୨୭ ରନ କରିଥିଲେ। ହେଲେ କରୁଣ ଆଜି ୧୧୨ ରନ କରି ଆଉଟ ହୋଇଥିଲେ ହେଁ ବିଶ୍ୱ ରେକର୍ଡକୁ ନିଜ ନାଁରେ କରି ଦେଇଛନ୍ତି। ସେ ବିନା ଆଉଟରେ ୫୪୨ ରନ କରିଛନ୍ତି। ଏହାପରେ ଆଜି ଆଉଟ ହୋଇ ନୂଆ ବେଞ୍ଚ ମାର୍କ ସୃଷ୍ଟି କରିଛନ୍ତି। ଏହି ତାଲିକାରେ ଥିବା ଅନ୍ୟ ଖେଳାଳିମାନେ ହେଲେ ଦକ୍ଷିଣ ଆଫ୍ରିକାର ଜୋଶୁଆ ଭାନ ହୀରଡେନ (୫୧୨), ପାକିସ୍ତାନର ଫଖର ଜମାନ (୪୫୫) ଓ ତୌଫିକ ଉମର (୪୨୨)। କରୁଣଙ୍କ ଏହା ୪ର୍ଥ ଶତକ



ହୋଇଥିବା ବେଳେ ବିଜୟ ହଜାରେ ଟ୍ରଫିରେ ତୃତୀୟ ଟନ୍। ଏଥିଯୋଗୁ ଉତ୍ତର ପ୍ରଦେଶର ୩୦୮ ରନର ଟାର୍ଗେଟକୁ ବିଦ୍ଦଭା ୧୬ ବଲ ପୂର୍ବରୁ ୨ ୱିକେଟ ହରାଇ ହାସଲ କରି ନେଇଛି। କରୁଣ ନାଏର ୧୧୨ ରନର ଇନିଂସ ଖେଳିଥିବା ବେଳେ ଯାଶ ରାଥୋଡ ୧୪୦ ବଲରେ ଅପରାଜିତ ୧୩୮ ରନ କରିଛନ୍ତି। ଉଭୟ ଦ୍ୱିତୀୟ ୱିକେଟ ପାଇଁ ବିଶାଳ ୨୨୮ ରନର ଭାଗିଦାରୀ ମଧ୍ୟ କରିଥିଲେ।

ଏହି ବିଜୟ ସହ ଗ୍ରୁପ ଡିର ୧ନଂ ସ୍ଥାନରେ ବିଦ୍ଦଭା ନିଜ ସ୍ଥାନକୁ ଆହୁରି ମଜବୁତ କରିନେଇଛି। ୫ଟି ମ୍ୟାଚରୁ ୨୦ ପଏଣ୍ଟ ପାଇ ଦଳ ୧ନଂରେ ରହିଥିବା ବେଳେ ୧୪ ପଏ ସହ ତାମିଲନାଡୁ ଦ୍ୱିତୀୟରେ ଓ ସମାନ ୧୪ ପଏ ସହ ୟୁପି ତୃତୀୟ ସ୍ଥାନରେ ଅଛି।

# ଓଡ଼ିଶାର ଚତୁର୍ଥ ପରାଜୟ

**କଟକ,୪।୧ (ଏଜେନ୍ସି) :** ଚଳିତ ବିଜୟ ହଜାରେ ଟ୍ରଫିରେ ଓଡ଼ିଶାର ଖରାପ ପ୍ରଦର୍ଶନ ଜାରି ରହିଛି। ଶୁକ୍ରବାର ନିଜର ଷଷ୍ଠ ମ୍ୟାଚରେ ସନ୍ଦୀପ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ଓଡ଼ିଶା ଚତୁର୍ଥ ପରାଜୟ ବରଣ କରିଛି। ଜୟପୁରରେ ଖେଳାଯାଇଥିବା ଏହି ମ୍ୟାଚରେ ହରିୟାଣା ୪ ୱିକେଟରେ ଓଡ଼ିଶାକୁ ହରାଇଛି। ଏବେ ନକଆଉଟ୍ ଆଶାକୁ ବି ହାତଛଡ଼ା କରିଛି। ଓଡ଼ିଶା ରବିବାର ଶେଷ ଲିଗ୍ ମ୍ୟାଚରେ ଗୁଜରାଟକୁ ଭେଟିବ।

ଶୁକ୍ରବାର ଟସ୍ ହାରି ଓଡ଼ିଶା ପ୍ରଥମେ ବ୍ୟାଟିଂ କରିଥିଲା। ସ୍ୱସ୍ତିକ ସାମଲ ଓ ରାଜେଶ ଧୂପର ପ୍ରଥମ ୱିକେଟରେ ଶତକୀୟ ଭାଗୀଦାରି ଗି ଭଲ ଆରମ୍ଭ ଦେଇଥିଲେ। ୨୫.୫ ଓଭରରେ ଦଳୀୟ ସ୍କୋର୍ ୧୧୫ ରନ୍ ଥିଲା ବେଳେ ଅର୍ଦ୍ଧଶତକ ଅର୍ଜନ କରିଥିବା ରାଜେଶ (୬୯) ପାଭିଲିୟନ୍ ଫେରିଥିଲେ। ଏହା ପର ଓଭରରେ



ସ୍ୱସ୍ତିକ (୪୨) ରନ୍ଆଉଟ୍ ଏବଂ ଅଭିଷେକ ରାଉତ (୪) ଆଉଟ୍ ହେବାରୁ ଦଳ ୧୨୫/୩ରେ ସଂଘର୍ଷ କରିଥିଲା। ତେବେ ଅଧିନାୟକ ସନ୍ଦୀପ ପଟ୍ଟନାୟକ ଚତୁର୍ଥ ୱିକେଟ୍ରେ କାର୍ତ୍ତିକ ବିଶ୍ୱାଳ (୨୧)ଙ୍କ ସହ ୫୬ ରନର ଭାଗୀଦାରି ଗି ସ୍ଥିତି ସମ୍ଭାଳି ନେଇଥିଲେ। ପ୍ରୟାସ ସିଂହ (୫୦, ୨୭ ବଲ୍, ୪ ଚେକା, ୪ ଛକା) ବିସ୍ଫୋରକ ଖେଳିବା ସହ ସନ୍ଦୀପଙ୍କ ସହ ପଞ୍ଚମ ୱିକେଟରେ ୬୬ ରନ୍ ଯୋଡ଼ିଥିଲେ। ସନ୍ଦୀପ (୬୯, ୬୫ ବଲ୍, ୧ ଚେକା, ୫ ଛକା) ଶେଷ ପର୍ଯ୍ୟନ୍ତ ଲିବାରୁ ସ୍କୋର୍ ୨୬୮/୫ରେ ପହଥିଲା। ଜବାବରେ ହରିୟାଣା ୧୯ ରନରେ ପ୍ରଥମ ୱିକେଟ୍ ହରାଇଥିଲା।

## ନିର୍ମଳ ଓ ଅବିରଳ ଗଙ୍ଗା ଯାତ୍ରାରେ ଦୀପ୍ତିମୟୀ

# ଗଙ୍ଗାରେ ୨୫୦୦ କିମି ଦୁଃସାହସିକ ରାଫ୍ଟିଂ

**ପୁରୀ,୪।୧ :** ଗଙ୍ଗା ସଫେଇ ଅଭିଯାନରେ ପୁରୀର ଝିଅ ଦିପ୍ତିମୟୀ ତରେଇ। ରାଫ୍ଟିଂରେ ଉତ୍ତରାଖଣ୍ଡର ଗଙ୍ଗୋତ୍ରୀରୁ ପଶ୍ଚିମବଙ୍ଗର ଗଙ୍ଗାସାଗର ପର୍ଯ୍ୟନ୍ତ ପ୍ରାୟ ୨୫ଶହ କିଲୋମିଟର ପୁନରୁଦ୍ଧାର ପାଇଁ ପୁରୀ ମାଟିର ଜଣେ ଝିଅଙ୍କ ଏଭଳି କାର୍ଯ୍ୟ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ବିଏସ୍ଏଫରେ ଚାକିରି କରୁଥିବା ଦୀପ୍ତିମୟୀଙ୍କ ଘର ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ସିଆଣ୍ଡି ପଞ୍ଚାୟତ ଓରା ଓ ମହିଳାମାନଙ୍କୁ ଏହି ଅଭିଯାନରେ ସାମିଲ୍ କରି ମହିଳା ସଶକ୍ତୀକରଣର ଏକ ନିଆରା ବାର୍ତ୍ତା ବି ଦିଆଯାଇଥିଲା। ୫୩ ଦିନର ଏହି ବିପଦପୂର୍ଣ୍ଣ ଜଳଯାତ୍ରା ଡିସେମ୍ବର ୨୪ରେ ଶେଷ ହୋଇଥିଲା।



ଦୁଃସାହସିକ ଜଳକ୍ରୀଡ଼ା କରି ୫ ରାଜ୍ୟର ଲୋକଙ୍କୁ କରିଛନ୍ତି ସଚେତନ। ଏଥିସହ ଦେଇଛନ୍ତି ମହିଳା ସଶକ୍ତୀକରଣର ବାର୍ତ୍ତା। ଦିପ୍ତୀମୟୀଙ୍କ ଏହି ଦୁଃସାହସିକ ଓ ପବିତ୍ର କାର୍ଯ୍ୟ କେବଳ ପୁରୀ ନୁହେଁ, ଓଡ଼ିଶା ମାଟି ପାଇଁ ଗେରବ ଆଣିଦେଇଛି। ପବିତ୍ର ଗଙ୍ଗାର ଗାଁରେ। ଏବେ ପଶ୍ଚିମବଙ୍ଗରେ ଡ୍ୟୁଟି କରୁଛନ୍ତି। ଦୀପ୍ତିମୟୀ କହିଛନ୍ତି, ନମାମି ଗଙ୍ଗେ ଓ ବିଏସ୍ଏଫର ମିଳିତ ଆନୁକୂଲ୍ୟରେ ନଭେମ୍ବର ୨ରୁ 'ନିର୍ମଳ ଓ ଅବିରଳ ଗଙ୍ଗା' ନାମରେ ଗଙ୍ଗା ସଫେଇର ଏହି ଅଭିନବ ଜଳଯାତ୍ରା ଆରମ୍ଭ ହୋଇଥିଲା। କେବଳ ଯୁବତୀ ଏହି ଅଭିଯାନ ଶେଷ ପରେ ଡିସେମ୍ବର ୨୫ରେ ଭବ୍ୟ ଗଙ୍ଗା ଆରତିର ଆୟୋଜନ କରାଯାଇଥିଲା। ଦୀପ୍ତିମୟୀ କହିଛନ୍ତି, ଏହି ରାଫ୍ଟି ଜଳଯାତ୍ରା ପୂର୍ବରୁ ବିଏସ୍ଏଫରେ ଚାକିରି କରିଥିବା ଯୁବତୀ ଓ ମହିଳାଙ୍କୁ ନେଇ ୬ ସପ୍ତାହର ଏକ ପ୍ରଶିକ୍ଷଣ ଆୟୋଜନ କରାଯାଇଥିଲା।

# ବୁମ୍ରାଙ୍କ ସହ ଯୁକ୍ତିତର୍କ କଲେ କନଷ୍ଟାସ, ଫଳ ଭୋଗିଲେ ଖ୍ୱାଜା

**ସିଡନୀ,୪।୧ (ଏଜେନ୍ସି) :** ସିଡ୍ନୀ ଟେଷ୍ଟର ପ୍ରଥମ ଦିନରେ ଭାରତୀ। ବ୍ୟାଟର ସମସ୍ତଙ୍କୁ ନିରାଶ କରିଛନ୍ତି। ହେଲେ ଦିବସର ଶେଷ ଓଭରରେ ବେଶ ଡ୍ରାମା ଦେଖିବାକୁ ମିଳିଛି। ଭାରତ ପ୍ରଥମ ଇନିଂସରେ ୧୮୫ ରନ କରି ଅଲଆଉଟ ହୋଇଯିବାରୁ ଅଷ୍ଟ୍ରେଲିଆ ୩ ଓଭର ବ୍ୟାଟିଂ କରିଛି। ଏହି ସମୟରେ ଦଳକୁ ଦିବସର ଶେଷ ବଲରେ ଗୋଟିଏ ୱିକେଟ ମଧ୍ୟ ହରାଇବାକୁ ପଡ଼ିଛି। ୨ ରନ କରି ଉସମାନ ଖ୍ୱାଜା ଆଉଟ ହୋଇଛନ୍ତି। ତାଙ୍କୁ ଯଶପ୍ରୀତ ବୁମ୍ରା ଦ୍ୱିତୀ। ସ୍ଲିପରେ ଚମତ୍କାର ଢଙ୍ଗରେ କେଏଲ ରାହୁଲଙ୍କ ହାତରେ ପ୍ୟାଭିଲିଅନ ପଠାଇଛନ୍ତି।

କିନ୍ତୁ ଏହାର ପରବର୍ତ୍ତୀ ବଲରେ ବେଶ ଡ୍ରାମା ଦେଖିବାକୁ ମିଳିଥିଲା। ବୁମ୍ରାଙ୍କ ସହ ୧୯ ବର୍ଷୀ। ସାମ କନଷ୍ଟାସ ଯୁକ୍ତିତର୍କ କରିଥିଲେ। ଏଥିରେ



ବୁମ୍ରା ମଧ୍ୟ ଅତ୍ୟନ୍ତ ରାଗି ଯାଇଥିଲେ। ବୁମ୍ରା ରାଗିବାରୁ ଚମତ୍କାର ଢଙ୍ଗରେ ବଲ ପକାଇ ଖ୍ୱାଜାଙ୍କୁ ପ୍ୟାଭିଲିଅନ ପଠାଇଛନ୍ତି ବୋଲି କୁହାଯାଉଛି।

ପ୍ରଥମ ଦିନ ଖେଳ ଶେଷ ହେବାକୁ ୨ଟି ବଲ ବାକି ଥିବା ବେଳେ ପୂରା ଘଟଣା ଘଟିଥିଲା। ବୁମ୍ରା ବୋଲିଂ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ଷ୍ଟ୍ରାଇକରେ ଥିବା ଖ୍ୱାଜା ସାମାନ୍ୟ ବିଳମ୍ବ କରିଥିଲେ। ଏଥିପାଇଁ ବୁମ୍ରା ନିରାଶ ଭାବ ଦେଖାଇଥିଲେ। ଖ୍ୱାଜା ଏହାର ଜବାବ ଦେଇ ନଥିଲେ ହେଁ ନନଷ୍ଟ୍ରାଇକରେ ଥିବା କନଷ୍ଟାସ ଅତ୍ୟନ୍ତ ଅଭଦ୍ରଙ୍କ ଭଳି ବୁମ୍ରାଙ୍କ କିଛି କହିଥିଲେ। ବୁମ୍ରା ମଧ୍ୟ ବୋଲିଂ ଛାଡ଼ି 'ତୁମର ସମସ୍ୟା କ'ଣ' ବୋଲି ପଚାରି ଆଗକୁ ମାଡ଼ି ଆସିଥିଲେ। ଦୁହେଁ ମୁହାଁମୁହିଁ ହେବାକୁ ଯାଉଥିବା ବେଳେ ଅମ୍ପାୟାର ଅଟକାଇ ଦେଇଥିଲେ। ଗୋଟିଏ ବଲ ପରେ ବୁମ୍ରା ଗୋଟିଏ ଫୁଲ ଲେନ୍ଥ ବଲ ପକାଇବାରୁ ଏହା ଖ୍ୱାଜାଙ୍କ ବ୍ୟାଟର ବାଜି ସିଧା ରାହୁଲଙ୍କ ହାତକୁ ଚାଲି ଯାଇଥିଲା। ୱିକେଟ ନେବା ପରେ ବୁମ୍ରା ଆଗକୁ ଯିବା ପରବର୍ତ୍ତେ କନଷ୍ଟାସଙ୍କ ଆଡ଼କୁ ବୁଲି ଯାଇଥିଲେ। ସେ ତାଙ୍କୁ ବଡ଼ବଡ଼ ଆଖି ଦେଖାଇ ଥିଲେ। ଭାରତର ଅନ୍ୟ ଖେଳାଳିମାନେ ଖ୍ୱାଜାଙ୍କ ବଦଳରେ କନଷ୍ଟାସଙ୍କ ଆଗରେ ୱିକେଟ ନେବାର ସେଲିବ୍ରେସନ କରିଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ